

## ସିଟି କଟକ

# ରାଜ୍ୟରେ ୨୦ ହଜାରରୁ ଊର୍ଦ୍ଧ୍ୱ କିଡ୍‌ନୀ ରୋଗୀ

**କଟକ,୧୧ା୩ (ସମିସ)**

ରାଜ୍ୟରେ କିଡନୀ ବା ବୃକକ୍ ଜନିତ ରୋଗୀଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ଚିନ୍ତାଜନକ ତଥ୍ୟ ସାମ୍ନାକୁ ଆସିଛି। ବିଧାନସଭାରେ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ଉତ୍ତର ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ରାଜ୍ୟର ସ୍ୱାସ୍ଥ୍ୟ ସେବା ରଣନୀତି ଉପରେ ତଥ୍ୟ ଉପସ୍ଥାପନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୨୦,୬୭୪ ଜଣ କ୍ରୋନିକ୍ କିଡନୀ ଡିଜିଜ୍ ରୋଗୀ ଚିହ୍ନଟ ହୋଇସାରିଥିବା ବେଳେ ସେମାନଙ୍କ ଜୀବନ ରକ୍ଷା ପାଇଁ ସରକାର ମାଗଣା ଔଷଧ ଓ ତୃଣମୂଳସ୍ତରରେ ଡାୟାଲିସିସ୍ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛନ୍ତି।

କିଡନୀ ରୋଗୀଙ୍କ ଚିକିତ୍ସା ଅତ୍ୟନ୍ତ ବ୍ୟୟବହୁଳ ହୋଇଥିବାରୁ ସାଧାରଣ ଲୋକଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶା ରାଜ୍ୟ ଔଷଧ ନିଗମ ଜରିଆରେ ସମସ୍ତ ସରକାରୀ ମେଡିକାଲରେ ଚିକିତ୍ସା ପାଇଁ ଆବଶ୍ୟକ ମୁଖ୍ୟ ଔଷଧ ଯଥା- Acetyl Cysteine with Taurine, Alpha Keto Analogues, Cilnidipine ଏବଂ Clonidinର ସମ୍ପୂର୍ଣ୍ଣ ମାଗଣାରେ ଉପଲବ୍ଧ କରାଯାଉଛି। ଏହି ପଦକ୍ଷେପ ଫଳରେ ରୋଗୀଙ୍କୁ ଆଉ ବଜାରରୁ ମୂଲ୍ୟବାନ ଔଷଧ କିଣିବାକୁ ପଡ଼ିବ ନାହିଁ। ଡାୟାଲିସିସ୍ ପାଇଁ ଆଉ ରୋଗୀଙ୍କୁ ଦୂର ସହରକୁ ଦୌଡ଼ିବାକୁ ପଡ଼ିବ ନାହିଁ। ସରକାର ଏବେ ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ବ୍ୟତୀତ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରସ୍ତରରେ ମଧ୍ୟ ଏହି ସୁବିଧା ଆରମ୍ଭ କରିଛନ୍ତି। ନରସିଂହପୁର, ତିଗିରିଆ, ବଡ଼ବିଲ, ଡୁଙ୍ଗୁରିପାଲି ଏବଂ ସୋରୋ ଭଳି ସ୍ଥାନରେ ୪-ଶଯ୍ୟା ବିଶିଷ୍ଟ ଡାୟାଲିସିସ୍ ୟୁନିଟ୍ ସଫଳତାର ସହ କାର୍ଯ୍ୟ କରୁଛି। ଏହାସହିତ "ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବ୍ୟାପକ ସ୍କ୍ରିନିଂ ପ୍ରକ୍ରିୟା ଜାରି ରହିଛି, ଯାହାଦ୍ୱାରା ରୋଗକୁ ପ୍ରାଥମିକ ଅବସ୍ଥାରେ ଚିହ୍ନଟ କରାଯାଇପାରିବ।

ରାଜ୍ୟର କିଛି ନିର୍ଦ୍ଦିଷ୍ଟ ଜିଲ୍ଲା ଓ ପକେଟରେ କିଡନୀ ରୋଗୀଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ବଢୁଥିବା ଲକ୍ଷ୍ୟ କରାଯାଇଛି। ଏହାର ବୈଜ୍ଞାନିକ କାରଣ ଖୋଜିବା ପାଇଁ ସରକାର ଏକ "ରାଜ୍ୟ ଟାସ୍କ ଫୋର୍ସ କମିଟି' ଗଠନ କରିଛନ୍ତି। ଏହି କମିଟି ବିଶେଷଜ୍ଞଙ୍କ ସହାୟତାରେ ପରିବେଶ, ଜଳ ଓ ଜୀବନଶୈଳୀକୁ ଅନୁଧ୍ୟାନ କରି ନିରାକରଣର ବାଟ ବତାଇବେ। ସେହିପରି ଦୂରଦୂରାନ୍ତର ଲୋକଙ୍କ ନିକଟରେ ସେବା ପହଞ୍ଚାଇବା ପାଇଁ ସରକାର ଉପ-କେନ୍ଦ୍ର ସ୍ତରରେ ମଧ୍ୟ ଚେକ୍-ଅପ୍ ବ୍ୟବସ୍ଥା ସମ୍ପ୍ରସାରିତ କରିବାକୁ ଯୋଜନା ରଖିଛନ୍ତି।



- ବିଧାୟିକା ସୋଫିଆଙ୍କ ପ୍ରଶ୍ନର ଉତ୍ତର ରଖିଲେ ସ୍ୱାସ୍ଥ୍ୟମନ୍ତ୍ରୀ
- ମୂଳ କାରଣ ଖୋଜିବ ରାଜ୍ୟ ଟାସ୍କ ଫୋର୍ସ
- ଘରେ ଘରେ ପହଞ୍ଚିବ ସ୍କ୍ରିନିଂ ସୁବିଧା

## କବି ରାଜେନ୍ଦ୍ର ପ୍ରଧାନଙ୍କ କାବ୍ୟ 'ବୃହନ୍ନଳା' ଉନ୍ମୋଚିତ



**କଟକ,୧୧ା୩(ସମିସ):** ଶତାବ୍ଦୀ ଭବନ ପରିସରରେ ବୁଧବାର ସନ୍ଧ୍ୟାରେ କବି ତଥା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ରାଜେନ୍ଦ୍ର କୁମାର ପ୍ରଧାନଙ୍କ ଦ୍ୱାରା ରଚିତ କାବ୍ୟ 'ବୃହନ୍ନଳା' ମହାସମାରୋହରେ ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ବୈଦ୍ୟନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବହୁ ବିଶିଷ୍ଟ ସାହିତ୍ୟିକ, ଆଇନଜୀବୀ ଓ ବୁଦ୍ଧିଜୀବୀ ଯୋଗଦେଇ କାବ୍ୟର ଶୈଳୀ ଓ ଏହାର ସାମାଜିକ ବାର୍ତ୍ତା ଉପରେ ଆଲୋକପାତ କରିଥିଲେ। କବି ଶ୍ରୀ ପ୍ରଧାନ ନିଜର ଅଭିବ୍ୟକ୍ତି ପ୍ରକାଶ କରି କହିଥିଲେ ଯେ, ଏହି କାବ୍ୟଟି ସମ୍ପୂର୍ଣ୍ଣ ଭାବେ ଓଡ଼ିଆ ଭାଷାର ପ୍ରାଚୀନ ଛନ୍ଦ, ରାଗ ଏବଂ ଅଳଙ୍କାର ଶୈଳୀରେ ରଚିତ। ଏହାର କଥାବସ୍ତୁ ସାମ୍ପ୍ରତିକ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ର "ତୃତୀୟ ଲିଙ୍ଗୀ'ଙ୍କ ଉପରେ ଆଧାରିତ। ବୃହନ୍ନଳା ଚରିତ୍ର ମାଧ୍ୟମରେ ସମାଜରେ ସମାନତା, ସାମାଜିକ ନ୍ୟାୟ ଏବଂ ଭେଦଭାବ ଶୂନ୍ୟ ଏକ ସୁସ୍ଥ ବାତାବରଣ ଗଠନ ପାଇଁ ପ୍ରୟାସ କରାଯାଇଛି। ଉଦ୍‌ଘାଟକ ପ୍ରଫେସର ହରେକୃଷ୍ଣ ଶତପଥୀ କାବ୍ୟଟିକୁ ସାମାଜିକ ବୈଶମ୍ୟ ଦୂର କରିବାର ଏକ ସଶକ୍ତ ମାଧ୍ୟମ ବୋଲି ଅଭିହିତ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ବୈଷ୍ଣବ ଚରଣ ସାମଲ କାବ୍ୟର ଭୂୟସୀ ପ୍ରଶଂସା କରି ଏହାକୁ କୁସଂସ୍କାର ବିରୋଧରେ ଏକ ଅମୋଘ ଅସ୍ତ୍ର ଭାବେ ବର୍ଣ୍ଣନା କରିଥିଲେ। ସେହିପରି ପ୍ରଫେସର ସଂଘମିତ୍ରା ମିଶ୍ର କହିଥିଲେ ଯେ, ଏହି କାବ୍ୟର ଶକ୍ତିଶାଳୀ ଚରିତ୍ର ଚିତ୍ରଣକୁ ଆଧାର କରି ଏହାକୁ ଏକ ଉଚ୍ଚକୋଟୀର ନାଟକରେ ମଧ୍ୟ ରୂପାନ୍ତରିତ କରାଯାଇପାରିବ। ଅନ୍ୟତମ ଅତିଥି ଡକ୍ଟର ମୃତ୍ୟୁଞ୍ଜୟ ରଥ କାବ୍ୟର ପଂକ୍ତିଗୁଡ଼ିକୁ ସଙ୍ଗୀତ ମାଧ୍ୟମରେ ପରିବେଷଣ କରି କହିଥିଲେ ଯେ, ଆଧୁନିକ ଛନ୍ଦବିହୀନ କବିତା ଯୁଗରେ କବି ଶ୍ରୀ ପ୍ରଧାନ ପୁନଶ୍ଚ ଶବ୍ଦ ଭଣ୍ଡାର ଓ ଅଳଙ୍କାରର ପ୍ରୟୋଗ କରି ଓଡ଼ିଆ ସାହିତ୍ୟର ଅସ୍ମିତାକୁ ଋଦ୍ଧିମନ୍ତ କରିଛନ୍ତି। ଶେଷରେ ଆଇନଜୀବୀ ଈଶ୍ୱର ଚନ୍ଦ୍ର ଜେନା ଧନ୍ୟବାଦ ଦେଇଥିଲେ।

**ସାମାଜିକ ନ୍ୟାୟ ଓ ଓଡ଼ିଆ ଅସ୍ମିତାର ନୂତନ ସ୍ୱର**

# ନନ୍ଦନକାନନକୁ ଆସିଲେ ୧୧ ନୂଆ ଅତିଥି







**ନନ୍ଦନକାନନ,୧୧ା୩(ସମିସ):** ନନ୍ଦନକାନନ ପ୍ରାଣୀଉଦ୍ୟାନ ଏବଂ ବିଶାଖାପାଟଣା ସ୍ଥିତ ଇନ୍ଦିରା ଗାନ୍ଧୀ ପ୍ରାଣୀଉଦ୍ୟାନ ମଧ୍ୟରେ ଚାଲିଥିବା ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ମଙ୍ଗଳବାର ସଫଳତାର ସହ ଶେଷ ହୋଇଛି। ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ଦୀର୍ଘ ପ୍ରକ୍ରିୟା ପରେ ବିଶାଖାପାଟଣାରୁ ୧୧ଟି ନୂଆ ଅତିଥି ନନ୍ଦନକାନନ ପରିସରରେ ପହଞ୍ଚିଛନ୍ତି। ନୂଆଦିଲ୍ଲୀର କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଣର ସ୍ୱତନ୍ତ୍ର ଅନୁମୋଦନ କ୍ରମେ ସମ୍ପାଦିତ ହୋଇଥିବା ଏହି କାର୍ଯ୍ୟକ୍ରମ ଚଳିତ ବର୍ଷର ପ୍ରଥମ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ବୋଲି ଜଣାପଡ଼ିଛି। ନୂଆ ଅତିଥିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେମାନଙ୍କୁ ନିର୍ଦ୍ଧାରିତ ଏନକ୍ଲୋଜରରେ ରଖାଯିବାର ବ୍ୟବସ୍ଥା କରାଯାଉଛି। ଏହି ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ଏକ ହଳ "ରିଙ୍ଗ-ଟେଲଡ୍ ଲେମୁର୍' (ବିଦେଶୀ ଛୋଟ ମାଙ୍କଡ଼ ପ୍ରଜାତି), ଏକ ହଳ ଜଙ୍ଗଲୀ କୁକୁର, ଗୋଟିଏ ଅଣ୍ଡିରା ସଲଫର-କ୍ରେଷ୍ଟ କକାଟୋ, ଦୁଇ ହଳ ବନେଟ୍ ମାକାକ୍ ଏବଂ ଏକ ହଳ ନୀଳଗାଇ ଆସିଛନ୍ତି। ନନ୍ଦନକାନନର ଉପ-ନିର୍ଦ୍ଦେଶକ ଅଭୟ କୁମାର ଦଳାଇଙ୍କ ସୂଚନା ମୁତାବକ, ରିଙ୍ଗ-ଟେଲଡ୍ ଲେମୁର୍ ନନ୍ଦନକାନନ ପାଇଁ ସମ୍ପୂର୍ଣ୍ଣ ନୂଆ ପ୍ରଜାତି। ଏହି ନୂଆ ସଦସ୍ୟମାନଙ୍କ ଆଗମନ ପରେ ପ୍ରାଣୀଉଦ୍ୟାନରେ ଜୀବଜନ୍ତୁଙ୍କ ସମୁଦାୟ ପ୍ରଜାତି ସଂଖ୍ୟା ବୃଦ୍ଧି ପାଇ ୧୭୮ରେ ପହଞ୍ଚିଛି, ଯାହା ପର୍ଯ୍ୟଟକଙ୍କ ପାଇଁ ଏକ ମୁଖ୍ୟ ଆକର୍ଷଣ ସାଜିବ। ଅନ୍ୟପଟେ, ପୂର୍ବ ନିଷ୍ପତ୍ତି ମୁତାବକ ନନ୍ଦନକାନନରୁ ମଧ୍ୟ କିଛି ଜୀବଜନ୍ତୁଙ୍କୁ ବିଶାଖାପାଟଣା ପଠାଯାଇଛି। ଗତ ଶନିବାର ଏକ ୮ ଜଣିଆ ବିଶେଷଜ୍ଞ ଦଳ ୩ଟି ବାରାସିଂହା, ୩ଟି ଚଉଶିଙ୍ଗା, ୨ଟି ଆସାମୀଜ୍ ମାଙ୍କଡ଼, ୪ଟି ଗୁରାଣ୍ଡି ଏବଂ ୩ଟି ଘଡ଼ିଆଳ କୁମ୍ଭୀରଙ୍କୁ ନେଇ ବିଶାଖାପାଟଣା ଅଭିମୁଖେ ଯାତ୍ରା କରିଥିଲେ। ସମୁଦାୟ ୫ଟି ପ୍ରଜାତିର ୧୫ଟି ଜୀବଜନ୍ତୁଙ୍କୁ ଏହି ଅଦଳବଦଳ ପ୍ରକ୍ରିୟାରେ ବିଶାଖାପାଟଣା ପ୍ରାଣୀଉଦ୍ୟାନକୁ ହସ୍ତାନ୍ତର କରାଯାଇଛି। ଏହି ପ୍ରକ୍ରିୟା ଫଳରେ ଉଭୟ ପ୍ରାଣୀଉଦ୍ୟାନରେ ଜୀବଜନ୍ତୁଙ୍କ ବଂଶବୃଦ୍ଧି ସହ ସେମାନଙ୍କର ପ୍ରଜାତି ସଂରକ୍ଷଣ ଦିଗରେ ବଡ଼ ସଫଳତା ମିଳିବ ବୋଲି ଆଶା କରାଯାଉଛି।

- ବିଶାଖାପାଟଣା ପ୍ରାଣୀଉଦ୍ୟାନ ସହ ଅଦଳବଦଳ ପ୍ରକ୍ରିୟା ଶେଷ
- ପ୍ରଥମ ଥର ପାଇଁ ନନ୍ଦନକାନନରେ ଦେଖିବାକୁ ମିଳିବ 'ରିଙ୍ଗ-ଟେଲଡ୍ ଲେମୁର୍'
- ଜୀବଜନ୍ତୁ ପ୍ରଜାତି ସଂଖ୍ୟା ୧୭୮କୁ ବୃଦ୍ଧି

# ଯୋଗ ସାଧନା କେନ୍ଦ୍ର ଉଦ୍‌ଘାଟିତ




**କଟକ,୧୧ା୩(ସମିସ):** ସିଡିଏ ସେକ୍ଟର ୮ ସ୍ଥିତ ପାର୍କରେ ଆଜି ସକାଳେ ସହସ୍ରାଂଶୁ ଯୋଗ ସାଧନା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ଭାରତୀୟ ଯୋଗ ସଂସ୍ଥାନର ସହଯୋଗିତାରେ ଏହା କାର୍ଯ୍ୟ କରିବ। କଟକ ଜିଲ୍ଲା ଉପ ପ୍ରମୁଖ କେଦାରନାଥ ଜାଲି ଏହାକୁ ଉଦଘାଟନ କରି ଦୈନିକ ନିୟମିତ ଭାବରେ ଯୋଗାସନ ଓ ପ୍ରାଣାୟାମ ଅଭ୍ୟାସର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ଉପଦେଷ୍ଟା ଡ. ସତ୍ୟ ରାୟ, କ୍ଷେତ୍ର ପ୍ରମୁଖ ଡ. ଶୈଳଜାନନ୍ଦିନୀ ଜେନା, ବିଜୟ ପୃଷ୍ଟି, କବିତା ପ୍ରଧାନ, ଡ. ବୈଜୟନ୍ତୀମାଳା ଶତପଥୀ, ସୌର ମୋହନ ଉଦଗତା, ଶ୍ରୀମନ୍ତିନି ଦାସ, ଶଶୀଭୂଷଣ ପ୍ରଧାନ, ସାରଦା ପ୍ରସନ୍ନ ମହାପାତ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଦୈନିକ ସକାଳ ୬ଟାରୁ ସାଢେ ୭ଟା ପର୍ଯ୍ୟନ୍ତ ଏହି ଯୋଗକେନ୍ଦ୍ରରେ ଯୋଗାଭ୍ୟାସ କରାଯିବ।

# ଡ୍ରିମ୍‌ସରେ 'ମୋ ଭାରତ': ଆନ୍ତଃରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ




**କଟକ,୧୧ା୩(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପିତ 'ବିକଶିତ ଭାରତ-୨୦୪୭' ସଂକଳ୍ପର ସଫଳ ରୂପାୟନରେ ଦେଶର ଯୁବ ଗୋଷ୍ଠୀଙ୍କୁ ସାମିଲ କରିବା ଲକ୍ଷ୍ୟ ନେଇ 'ମୋ-ଭାରତ'- ଆନ୍ତରାଜ୍ୟ ଯୁବ ବିନିମୟ କାର୍ଯ୍ୟକ୍ରମ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ଦ୍ୱାରା ପ୍ରାୟୋଜିତ ୫ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ତାମିଲନାଡୁ ପ୍ରଦେଶର ଡ. ବି.ମୁନିଆଡି ଓ ଡ. ସେନ୍ଥି କୁମାରଙ୍କ ତତ୍ତ୍ୱାବଧାନରେ ୩୨ ଯୁବ ପ୍ରତିନିଧି ଏଥିରେ ସାମିଲ ହୋଇଛନ୍ତି। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପରିସରସ୍ଥ ପଦ୍ମିନୀ ଅଡିଟୋରିୟମ୍‌ରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ 'ମୋ ଭାରତ -କଟକ'ର ଜିଲ୍ଲା ଯୁବ ଅଧିକାରୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ସୂଚନା ଦେଇଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଆଭାସୀ ମାଧ୍ୟମରେ ଯୁବ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟଅତିଥି କୁଳପତି ପ୍ରଫେସର ଡ. ପ୍ରକାଶ ହୋତା ବିକଶିତ ଭାରତର ଅଂଶବିଶେଷ ଏହି କାର୍ଯ୍ୟକ୍ରମ ଯୁବ ଗୋଷ୍ଠୀଙ୍କୁ ଦେଶର ସଂହିତ ଓ ସମୃଦ୍ଧି ଆଣିବା ଦିଗରେ ପ୍ରୋତ୍ସାହିତ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ଲୋକନାଥ ବେହେରା ଯୁବ ଗୋଷ୍ଠୀଙ୍କ ରାଷ୍ଟ୍ର ପ୍ରତି କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପର୍ଯ୍ୟବେକ୍ଷକ ଅଶୋକ ବେହେରା ଏହାକୁ ସଂଯୋଜନା ଓ ଜିଲ୍ଲା ଯୁବ ଅଧିକାରୀ ନିଖିଲ କୋକୁଲା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ସୁଶାନ୍ତ ଦାସ, ଡେପୁଟୀ ରେଜିଷ୍ଟ୍ରାର ଇଂ ଶିଶିର ସାହୁ, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଆଲୋକ ରଞ୍ଜନ ବିଶ୍ୱାଳ, 'ଡିନ' (ଗବେଷଣା) ଡ. ôବିଶ୍ୱରଞ୍ଜନ ମହାନ୍ତି, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ସୁନୟ ମିଶ୍ର, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ, ଯୁବ ସଂଯୋଜକ ଗଙ୍ଗାଧର ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଆଲୋଚନାଚକ୍ର, ଯୋଗ, ସଫେଇ, ଖେଳକୁଦ, ଉଦ୍ୟାନ କୃଷିକ୍ଷେତ୍ର ଅନୁଧ୍ୟାନ ଓ ବିଭିନ୍ନ ପର୍ଯ୍ୟଟନସ୍ଥଳ ପରିଦର୍ଶନ କାର୍ଯ୍ୟକ୍ରମ ରହିଛି।

## ରେଭେନ୍ସାରେ ମନସ୍ତତ୍ତ୍ୱ ଭିତ୍ତିକ କର୍ମଶାଳା

# ଛାତ୍ରଛାତ୍ରୀଙ୍କ ଭାବପ୍ରବଣ ସୁସ୍ଥତା ଉପରେ ଗୁରୁତ୍ୱ

**କଟକ,୧୧ା୩(ସମିସ):** ରେଭେନ୍ସା ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମନସ୍ତତ୍ତ୍ୱିକ ଏବଂ ଭାବପ୍ରବଣ ସୁସ୍ଥତାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଏକ ୩ ଦିନିଆ କର୍ମଶାଳା ଆରମ୍ଭ ହୋଇଯାଇଛି। 'ସଚେତନତା, ଦକ୍ଷତା ଏବଂ ସ୍ଥିରତା' ଶୀର୍ଷକ ଏହି କର୍ମଶାଳାକୁ ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଧର୍ମବ୍ରତ ମହାପାତ୍ର, ବିଭାଗୀୟ ସଂଯୋଜିକା ରୀତୁ ପାତ୍ର ଏବଂ ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନେ ଉଦ୍‌ଘାଟନ କରିଛନ୍ତି। ଶୈକ୍ଷିକ ଚାପ ଏବଂ ବର୍ଦ୍ଧିତ ଆଶା ମଧ୍ୟରେ ଗତି କରୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ମାନସିକ ସ୍ୱାସ୍ଥ୍ୟର ଯତ୍ନ ନେବା ଏବଂ ପରିସ୍ଥିତି ସହ ଖାପଖୁଆଇ ଚଳିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। କର୍ମଶାଳାର ପ୍ରଥମ ଦିନରେ ଅବସରପ୍ରାପ୍ତ ପ୍ରଫେସର ଶମିତା ମହାପାତ୍ର ଏବଂ ମନୋଚିକିତ୍ସକ ପ୍ରଫେସର ନୀଳମାଧବ ରଥ ଉପସ୍ଥିତ ରହି ଭାବପ୍ରବଣ ବୁଦ୍ଧି ଏବଂ ଆତ୍ମ-ଯତ୍ନ ମାଧ୍ୟମରେ କିଭଳି ସକାରାତ୍ମକ ମନୋଭାବ ବୃଦ୍ଧି କରାଯାଇପାରିବ, ସେ ନେଇ ଆଲୋଚନା କରିଥିଲେ। ଏହି କର୍ମଶାଳାରେ କଟକ ଜିଲ୍ଲାର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଅଧ୍ୟାପକମାନେ ଅଂଶଗ୍ରହଣ କରିଛନ୍ତି। ଶୈକ୍ଷିକ ଅଧିବେଶନ ପରେ ବିଭାଗର ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଦ୍ୱାରା ବିଭିନ୍ନ ମନସ୍ତତ୍ତ୍ୱଭିତ୍ତିକ କାର୍ଯ୍ୟକଳାପ ମଧ୍ୟ ଆୟୋଜିତ ହୋଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସାଦିଆ ମେହରିନ ପରିଚାଳନା କରିଥିବା ବେଳେ ଶେଷରେ ସିପ୍ରା ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।




## ଚାଲିଛି ରମ୍‌ଜାନ୍ ମାସ

# ଡିମାଣ୍ଡରେ ଦୁବାଇର 'ଖଜୁର୍'କୁ ମୁମ୍ବାଇର 'ଲଚ୍ଛା'









କଟକ,୧୧ା୩(ସମିସ): ରମ୍‌ଜାନ୍ ଅବସରରେ କଟକ ବଜାର ହୋଇଛି ସର୍‌ଗରମ୍। ଡିମାଣ୍ଡରେ ରହିଛି ସାଉଦି ଆରବର ମିଶ୍ୱା ଦାତୁନ୍ ସହ କତାର, ଦୁବାଇର ଖଜୁର ଓ ମୁମ୍ବାଇର ଲଚ୍ଛା ଏବଂ ଲଚ୍ଛା ବକେଟ୍ ସ୍ପେସିଆଲ୍। ଏହି ୫ ପ୍ରକାରର ସାମଗ୍ରୀ କିଣିବାକୁ ମୁସଲମାନ୍ ସମ୍ପ୍ରଦାୟର ଭାଇଭଉଣୀମାନେ ଭିଡ଼ ଜମାଉଛନ୍ତି। ମୁଖ୍ୟତଃ ବକ୍ସିବଜାର, ଚୌଧୁରୀବଜାର, ଯୋବ୍ରା ଓ ତିନିକୋଣିଆ ବଗିଚାରେ ଜମୁଛି ବ୍ୟବସାୟ।

ମୁସଲିମ ସମ୍ପ୍ରଦାୟର ପବିତ୍ର ରମ୍‌ଜାନ୍ ଆରମ୍ଭ ହୋଇଛି। ଏହି ମାସରେ ଦିନ ତମାମ୍ କାଷ୍ଠା ଉପବାସ ରଖିବା ସହ ସନ୍ଧ୍ୟାରେ ଇଫ୍‌ତାର୍ କରାଯାଇଥାଏ। କଟକ ସହରରେ ବସବାସ କରୁଥିବା ମୁସ୍‌ଲିମ୍ ସମ୍ପ୍ରଦାୟର ଭାଇଭଉଣୀମାନେ ଉପବାସ ବା ରୋଜା ରଖିଥାନ୍ତି। ଏହି ମାସରେ ଭୋର୍‌ରୁ ଉଠି ସୂର୍ଯ୍ୟୋଦୟ ପୂର୍ବରୁ ସେହେରୀ ବା ଖାଦ୍ୟ ଗ୍ରହଣ କରିଥାନ୍ତି। ଦିନସାରା କାଷ୍ଠା ଉପବାସ ପରେ ସନ୍ଧ୍ୟାରେ ଖାଦ୍ୟ ଗ୍ରହଣ କରିଥାନ୍ତି। ରମ୍‌ଜାନ୍ ମାସରେ ସ୍ୱତନ୍ତ୍ର ନମାଜ ପାଠ କରାଯାଇଥାଏ। ମୁସଲିମ ସମ୍ପ୍ରଦାୟର ଲୋକ ଚନ୍ଦ୍ର ଦେଖି ରମ୍‌ଜାନ୍ ମାସ ଆରମ୍ଭ କରିଥିବାବେଳେ ମାସକ ପରେ ଚନ୍ଦ୍ର ଦେଖି ଇଦ୍ ପର୍ବ ପାଳନ କରିବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପଟେ ରମ୍‌ଜାନ୍ ମାସ ଚାଲିଥିବାରୁ ବଜାର ଚଳଚଞ୍ଚଳ ହୋଇ ଉଠିଛି। ରମ୍‌ଜାନ୍ ମାସ ପୂର୍ବରୁ ହିଁ ବ୍ୟବସାୟୀ ମାନେ ବିଭିନ୍ନ ଭେରାଇଟିର ସାମଗ୍ରୀ ଭିନ୍ନ ଭିନ୍ନ ସ୍ଥାନରୁ କଟକକୁ ଆଣିଛନ୍ତି। ଏହି ଏକମାସ କଟକର ବକ୍ସିବଜାର, ଯୋବ୍ରା, ତିନିକୋଣିଆବଗିଚା, ଦରଘା ବଜାର, ଚୌଧୁରୀ ବଜାର, ଓଡ଼ିଆ ବଜାର, ଶେଖବଜାର, ବାଉଁଶ ଗଳି ଭଳି ଅନ୍ୟାନ୍ୟ ସ୍ଥାନ ମାନଙ୍କରେ ଭେରାଇଟି ସାମଗ୍ରୀର ପସରା ଖୋଲିଛି। ଚଳିତବର୍ଷ ରମ୍‌ଜାନ୍‌କୁ ନଜରରେ ରଖି ବ୍ୟବସାୟୀ ମାନେ ସାଉଦି ଆରବ, ଦୁବାଇ, ମୁମ୍ବାଇ, କତାର୍, ଇରାନ୍, ତୁନିସିଆ ଭଳି ବିଭିନ୍ନ ଦେଶରୁ ୨୨ରୁ ଅଧିକ ପ୍ରକାରର ଖଜୁର୍ ବଜାରକୁ ଆସିଛି। ଏହାର ଦର ୨୦୦ ଟଙ୍କାରୁ ୩୦୦୦ ଟଙ୍କା ଯାଏଁ ରହିଛି। ସେହିପରି ନାଗପୁର, ଲକ୍ଷ୍ନୌ, ମୁମ୍ବାଇର ଲଚ୍ଛା ଏବେ କଟକ ବଜାରକୁ ଆସିଛି। ପ୍ଲେନ୍ ଲଚ୍ଛା ଦର ୨୫୦ ଟଙ୍କା, ମିଣ୍ଟ୍ ଲଚ୍ଛା ଦର ୪୦୦ ଟଙ୍କା ରହିଛି। ଏହାସହ ରହିଛି ଲଚ୍ଛାର ବକେଟ୍ ଯେଉଁଥିରେ ରହିଛି ଖଜୁର, କାଜୁ, ପାସ୍ତା, ଲଚ୍ଛା ଭଳି ପାଞ୍ଚ ପ୍ରକାରର ସାମାଗ୍ରୀ ଏବଂ ଏହାର ଦର ପ୍ରତି ବକେଟ୍ ପିଛା ୪୨୦ ଟଙ୍କା ରହିଛି। ସେହିପରି ମୁମ୍ବାଇର ଜେଲି ଦର ୫୦ ଟଙ୍କା, ହାଇଦ୍ରାବାଦର ଶ୍ରୀକୋର୍ମା ଦର ୮୦ ଟଙ୍କା, ଡ୍ରାଏ ଫ୍ରୁଟ୍ ଦର ୨୩୦ଟଙ୍କା, ଆଗ୍ରାର ପେଠା ୧୦୦ଟଙ୍କା ରହିଛି। ରମ୍‌ଜାନ ପାଇଁ ବଟର୍ ସ୍କଚ୍, ଆମ୍‌ପନା, ଗୁଆଭା, ଅରେଞ୍ଜ, ମ୍ୟାଙ୍ଗୋ ଭଳି ବିଭିନ୍ନ ପ୍ରକାର ଫ୍ଲେଭରର ସର୍ବତ ରହିଛି। ଏହାର ଦର ୨୫୦ଟଙ୍କାରୁ ୪୦୦ଟଙ୍କା ଯାଏ ରହିଛି। ରମ୍‌ଜାନ୍ ପାଇଁ ୧୫୦ ପ୍ରକାରର ଅତର ଅଣାଯାଇଥିବାବେଳେ ଏହାର ଦର ୨୦୦ ଟଙ୍କାରୁ ୨୦୦୦ଟଙ୍କା ଯାଏଁ ଏହାର ମୂଲ୍ୟ ରହିଛି। ମୁଖ୍ୟତଃ ନୂଆକରି ମିଶ୍ୱା 'ଦାତୁନ'(ଦାନ୍ତକାଠି) ସାଉଦି ଆରବରୁ ଅଣାଯାଇଛି। ଏହା ଏକ ଦାନ୍ତ କାଠି ପରି ଯାହାକି ନିମ କାଠିରୁ ତିଆରି ହୋଇଥାଏ, ଏହାର ଦର ୨୦ଟଙ୍କା ଲେଖାଏଁ ରହିଛି। ତେବେ ସାଧାରଣ ଦିନରେ ଏସବୁ ସମାଗ୍ରୀ ସହଜରେ ମିଳୁ ନ ଥିବାବେଳେ ଏବେ ରମ୍‌ଜାନ୍ ମସାରେ ଏହି ସବୁ ସାମଗ୍ରୀର ବହୁ ଡିମାଣ୍ଡ ରହିଛି। ଏନେଇ ବକ୍ସିବଜାର ଅଞ୍ଚଳରେ ଆଜିକୁ ୬୦ ବର୍ଷ ହେବ ବ୍ୟବସାୟ କରି ଆସୁଥିବା ମଜବୁର୍ ଅଲ୍ଲୀ କହିଛନ୍ତି, ରମ୍‌ଜାନ୍‌କୁ ନଜରରେ ରଖି ବିଭିନ୍ନ ଦେଶରୁ ବିଭିନ୍ନ କିଶମର ସାମଗ୍ରୀ ଅଣାଯାଇଥାଏ। କଟକ ଭାଇଚାରାର ସହର ଏଠାରେ ଏହି ସବୁ ସାମଗ୍ରୀ ସବୁ ଲୋକ ନେବାକୁ ପସନ୍ଦ କରିଥାନ୍ତି। ଲୋକଙ୍କର ବେଶ ଆଗ୍ରହ ଏହି ସବୁ ଜିନିଷରେ ରହି ଆସିଛି। ଏବେ ବ୍ୟବସାୟ ମଧ୍ୟ ବେଶ୍ ଜମୁଛି।



- କଟକୀ ବଜାରରେ ମିଳୁଛି ଆରବ ଦାତୁନ୍ ସାଙ୍ଗକୁ ଦାମୀ ଅତର
- ବକ୍ସିବଜାର, ଚୌଧୁରୀବଜାର ଓ ତିନିକୋଣିଆ ବଗିଚାରେ ଜମୁଛି ବ୍ୟବସାୟ

# ଷଷ୍ଠ ଦୋଳ ଓ ଲଉଡ଼ି ଖେଳ



**ଟାଙ୍ଗୀ,୧୧।୩(ସମିସ):** ଷଷ୍ଠ ଦୋଳ ଅବସରରେ କୋଟସାହି ପଞ୍ଚାୟତ ଟାଙ୍ଗୀ ଅଞ୍ଚଳର ଗୋପାଳ ସମାଜ ପକ୍ଷରୁ ଦୋଳଯାତ୍ରା ସହ ଲଉଡ଼ି ଖେଳ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଶତାଧିକ ବର୍ଷର ପରମ୍ପରା ଅନୁଯାୟୀ ମା' ହାଟଚଉରାଙ୍କ ପ୍ରାଙ୍ଗଣରେ ଆୟୋଜିତ ଉକ୍ତ ମେଳଣରେ ମଦନମୋହନ ସାହିର ଶ୍ରୀ ଶ୍ରୀ ମଦନମୋହନ ଜୀଉ ଓ ନାନୀ ଗୋସେଇଁ ମଠର ପ୍ରଭୁ ଯୁଗଳ କିଶୋରଙ୍କ ସମେତ ୫ଟି ବିମାନରେ ରାଧାକୃଷ୍ଣ ବିଜେ କରିଥିଲେ। ସ୍ଥାନୀୟ ଅଞ୍ଚଳର ଗୋପାଳ ବାଳକଙ୍କ ଲଉଡ଼ି ଖେଳ ସମସ୍ତଙ୍କୁ ଆକର୍ଷିତ କରିଥିଲା।

# ରାଧାକୃଷ୍ଣ ଲଉଡ଼ି ଖେଳ ମହୋତ୍ସବ



**ଚୌଦ୍ୱାର,୧୧।୩(ସମିସ):** ଚୌଦ୍ୱାର ପୌରପାଳିକା ୧୮ ନଂ ୱାର୍ଡ ଗୋପାଳ ସାହିରେ ୪୫ତମ ପାରମ୍ପରିକ ଲଉଡି ଖେଳ ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣ ଲଉଡି ସଂଘର ସଭାପତି ଶିଶିର କୁମାର ଦାସଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି ଉତ୍ସବରେ ଆଖପାଖ ଅଞ୍ଚଳର ଲଉଡ଼ି ଦଳ ପ୍ରତିଯୋଗିତାରେ ଭାଗନେଇଥିଲେ। କରଞ୍ଜି ଲଉଡି ସଂଘ ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ବାଣିପଦା ଲଉଡି ସଂଘ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରା, ଜାତୀୟ ଯୁବ ଯାଦବ ମହାସଂଘ ସଭାପତି ପ୍ରଦୀପ ବେହେରା, ସୋରେନ ବେହେରା, କାଉନସିଲର ବିଜୟ ସାହୁ, ଆଶୁତୋଷ ଦାସ, ବିରାଟ ବଜାର ସଭାପତି ପ୍ରଶାନ୍ତ ବରାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀ ଦଳଙ୍କୁ ଟ୍ରଫି ପ୍ରଦାନ ସହିତ ସମ୍ବର୍ଦ୍ଧିତ କରିଥିଲେ। ମହୋତ୍ସବକୁ ବାଳକୃଷ୍ଣ ନାୟକ, ଟୁଟନ ପଲେଇ, ଟୁନା ବାରିକ୍ଙ୍କ ସମେତ ସାହିର ମୁରବିମାନେ ପରିଚାଳନା କରିଥିଲେ।

# ନୂଆପାଟଣା ଷ୍ଟେଟ ବ୍ୟାଙ୍କରେ ନଗଦ ଟଙ୍କା ସମସ୍ୟା

● ଟଙ୍କା ନ ପାଇ ନିରାଶରେ ଫେରୁଛନ୍ତି ଗ୍ରାହକ

**ତିଗିରିଆ,୧୧।୩(ସମିସ):** ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଷ୍ଟେଟ ବ୍ୟାଙ୍କ ଶାଖାରେ ଦୀର୍ଘ ୧୦ ଦିନରୁ ଊର୍ଦ୍ଧ୍ୱ ସମୟ ହେବ ନଗଦ ଟଙ୍କା ସଙ୍କଟ ଦେଖାଦେଇଛି। ଏହି ପ୍ରତିଷ୍ଠିତ ରାଷ୍ଟ୍ରାୟତ ବ୍ୟାଙ୍କ ଉପରେ ହଜାର ହଜାର ଜନସାଧାରଣ ନିର୍ଭର କରୁଥିବା ବେଳେ, ବ୍ୟାଙ୍କରେ ପର୍ଯ୍ୟାପ୍ତ ନଗଦ ଅର୍ଥ ନ ଥିବା ଯୋଗୁଁ ଖାତାଧାରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଜରୁରୀ କାର୍ଯ୍ୟ ପାଇଁ ବଡ଼ ପରିମାଣର ଅର୍ଥ ଉଠାଇବାକୁ ଆସୁଥିବା ଗ୍ରାହକମାନେ ଖାଲି ହାତରେ ଫେରୁଥିବା ଅଭିଯୋଗ ହୋଇଛି। ମିଳିଥିବା ଅଭିଯୋଗ ଅନୁଯାୟୀ, ଯଦି କୌଣସି ଗ୍ରାହକ ୨୦ ହଜାର ଟଙ୍କାରୁ ଅଧିକ ଅର୍ଥ ଉଠାଇବାକୁ ଚାହୁଁଛନ୍ତି, ତେବେ ବ୍ୟାଙ୍କ କର୍ତ୍ତୃପକ୍ଷ ନଗଦ ଟଙ୍କା ନାହିଁ କହି ତାଙ୍କୁ ଫେରାଇ ଦେଉଛନ୍ତି। କେବଳ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଉଠାଣ କରୁଥିବା ଗ୍ରାହକଙ୍କୁ ହିଁ ଟଙ୍କା ଦିଆଯାଉଛି। ଫଳରେ ଚିକିତ୍ସା, ବିବାହ କିମ୍ବା ଅନ୍ୟାନ୍ୟ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଟଙ୍କା ଉଠାଇବାକୁ ଚାହୁଁଥିବା ବ୍ୟକ୍ତିମାନେ ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ଦୌଡ଼ି ନିରାଶ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଶାଖା ପରିଚାଳକ ଚିନ୍ମୟ ଜଗନ୍ନାଥ ପାତ୍ରଙ୍କୁ ପଚାରିବାରୁ ସେ ନଗଦ ଟଙ୍କା ସଙ୍କଟ ସମସ୍ୟାକୁ ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟ କାର୍ଯ୍ୟାଳୟରୁ କିଛି ଦିନ ହେବ ନଗଦ ଅର୍ଥ ପଠାଯାଉ ନ ଥିବାରୁ ଏଭଳି ସ୍ଥିତି ଉପୁଜିଛି। ତେବେ ଏହି ସମସ୍ୟା ବାବଦରେ ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ଏବଂ ଖୁବଶୀଘ୍ର ନଗଦ ଟଙ୍କା ଉପଲବ୍ଧ ହେବା ସହ ସମସ୍ୟାର ସମାଧାନ ହୋଇଯିବ ବୋଲି ଶ୍ରୀ ପାତ୍ର ଗ୍ରାହକମାନଙ୍କୁ ଆଶ୍ୱାସନା ଦେଇଛନ୍ତି।

# ମାଫିଆଙ୍କ ଅକ୍ତିଆରରେ ଭେଜିଆ ସଂରକ୍ଷିତ ଜଙ୍ଗଲ











● ପ୍ରଶାସନିକ 'ଖଟ-ପାଟ' ମୋହରେ ଲୁଟ୍ ହେଉଛି ରାଜସ୍ୱ
● ଖୁଲମଖୁଲ୍ଲା ଚାଲିଛି ୩୫ରୁ ଊର୍ଦ୍ଧ୍ୱ ବେନାମୀ ଖଣି
● ହାଇୱା ଭୟରେ ପିଲାଏ ଛାଡ଼ିଲେଣି ପାଠ
● ବିପର୍ଯ୍ୟସ୍ତ ରାଜପଥ ପାଇଁ ବଢୁଛି ଦୁର୍ଘଟଣା

**ତିଗିରିଆ,୧୧।୩(ସମିସ):**

ତିଗିରିଆ ତହସିଲ ଅଧୀନ ଭେଜିଆ ଖଣି ଅଞ୍ଚଳ ଏବେ ଖଣି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ମାତ୍ର ୪ଟି ଖଣିକୁ ସରକାରୀ ଲିଜ୍ ମିଳିଥିବା ବେଳେ ଏଠାରେ ବେଧଡ଼କ ଭାବେ ୩୫ରୁ ଅଧିକ ବେନାମୀ ଖଣି ଓ କ୍ରସର ଚାଲିଛି। ଅଭିଯୋଗ ହେଉଛି ଯେ, ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ମାଫିଆଙ୍କଠାରୁ ମୂଲ୍ୟବାନ ଶାଗୁଆନ କାଠର "ଖଟ", ନୂଆପାଟଣାର ପ୍ରସିଦ୍ଧ "ପାଟ ଲୁଗା' ଏବଂ ପୁଳା ପୁଳା "ଗାନ୍ଧି ମୁଣ୍ଡିଆ ନୋଟ୍' ଆଶାରେ ନିରବଦ୍ରଷ୍ଟା ସାଜିଛନ୍ତି। ଫଳରେ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେବା ସହ ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନିକଟରେ ହେଉଥିବା ଅଭିଯୋଗର କୌଣସି ସୁଫଳ ମିଳୁନାହିଁ।

ଖଣି ଅଞ୍ଚଳରୁ ଦୈନିକ ୩୦୦ରୁ ଅଧିକ ହାଇୱା ଗାଡ଼ି ଓଭରଲୋଡିଂ ହୋଇ କଳାମୁଗୁନି ପଥର ଓ ଚିପ୍ସ ରପ୍ତାନି କରୁଛନ୍ତି। ଏହି ମାଲମାଲ ହାଇୱାର ଭୟ ଏଭଳି ରହିଛି ଯେ କୁନି କୁନି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବାକୁ ଡରୁଛନ୍ତି। ଅନେକ ଅଭିଭାବକ ବିପଦ ଆଶଙ୍କାରେ ନିଜ ପିଲାଙ୍କୁ ସ୍କୁଲ୍ ପଠାଉ ନଥିବା ବେଳେ ଅନେକ ଛାତ୍ରଛାତ୍ରୀ ପାଠପଢ଼ା ଅଧାରୁ ଛାଡ଼ିଲେଣି। ଦିନରାତି ୨୪ ଘଣ୍ଟା ଚାଲୁଥିବା ବିସ୍ଫୋରଣ ଓ ଗାଡ଼ି ଚଳାଚଳ ଯୋଗୁଁ ସ୍ଥାନୀୟ ବାସିନ୍ଦା ଧୂଳି, ଧୂଆଁ ଓ ଶବ୍ଦ ପ୍ରଦୂଷଣରେ ହନ୍ତସନ୍ତ ହେଉଛନ୍ତି। ଏପରିକି ବ୍ୟବହାର କରାଯାଉଥିବା କୂଅ ଓ ପୋଖରୀ ଜଳ ମଧ୍ୟ ଦୂଷିତ ହେବାରେ ଲାଗିଛି। ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ପ୍ରତି ୧୦ ମିନିଟରେ ହାଇୱା ଚଳାଚଳ ଯୋଗୁଁ ରାସ୍ତାରୁ ପିଚୁ ଉଠିଯାଇ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ନୂଆପାଟଣା ଦୁର୍ଗାବଜାର ଠାରୁ ବିନ୍ଧାଣିମା ବାଇପାସ୍ ଏବଂ ନୂଆସଡ଼କ ପର୍ଯ୍ୟନ୍ତ ପ୍ରାୟ ୮ କିଲୋମିଟର ରାସ୍ତା ସମ୍ପୂର୍ଣ୍ଣ ଶୋଚନୀୟ ହୋଇପଡ଼ିଛି। ପଥର ମାଫିଆମାନେ ଚାଷୀଙ୍କୁ ସ୍ୱଳ୍ପ ଅର୍ଥର ଲୋଭ ଦେଇ ସେମାନଙ୍କ ଜମିକୁ ମଧ୍ୟ ଖଣିରେ ପରିବର୍ତ୍ତନ କରୁଛନ୍ତି। ପ୍ରଶାସନ ପକ୍ଷରୁ କେବଳ ଦେଖେଇବା ପାଇଁ ହାତଗଣତି କିଛି ଗାଡ଼ି ଜବତ କରାଯାଉଥିବା ବେଳେ ଏହା ବେଆଇନ କାରବାରକୁ ରୋକିବାରେ ବିଫଳ ହୋଇଛି, ଯାହାକୁ ନେଇ ସାଧାରଣରେ ତୀବ୍ର ଜନଅସନ୍ତୋଷ ସୃଷ୍ଟି ହୋଇଛି।

■ ତୀର୍ଥପଡ଼ା ବାଲିଘାଟରେ ନିୟମର ଖୋଲା ଉଲ୍ଲଂଘନ

# ମହଙ୍ଗା ପଡ଼ିଲା ବାଲି ମାଫିଆଙ୍କ ସହ ସମ୍ପର୍କ

**କଣ୍ଟାପଡ଼ା,୧୧।୩(ସମିସ):** ସରକାରୀ ନିୟମକୁ ବେଖାତିର କରି ବାଲି ମାଫିଆଙ୍କୁ ପ୍ରୋତ୍ସାହନ ଦେବା ଅଭିଯୋଗରେ ଶେଷରେ ଭିଜିଲାନ୍ସ ଜାଲରେ ପଡିଛନ୍ତି କଣ୍ଟାପଡ଼ା ତହସିଲଦାର। ତୀର୍ଥପଡ଼ା ବାଲିଘାଟରୁ ବେଆଇନ ଭାବେ କୋଟି



କୋଟି ଟଙ୍କାର ବାଲି ଲୁଟ୍ ଏବଂ ମାଟି ମାଫିଆଙ୍କ ସହ ମଧୁଚନ୍ଦ୍ରିକା ରଖିଥିବା ଅଭିଯୋଗ ହେବା ପରେ, ରାଜ୍ୟ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଜି ଏକକାଳୀନ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି। ସୂଚନାଯୋଗ୍ୟ ଯେ ତୀର୍ଥପଡ଼ା ବାଲିଘାଟରୁ ନିର୍ଦ୍ଧାରିତ ପରିମାଣଠାରୁ ଯଥେଷ୍ଟ ଅଧିକ ବାଲି ଉତ୍ତୋଳନ କରାଯାଉଥିବା ନେଇ ଦୀର୍ଘ ଦିନରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବାଲି ଉତ୍ତୋଳନ ପାଇଁ ଥିବା ପରିବେଶଗତ ନିୟମାବଳୀକୁ ଜଳାଞ୍ଜଳି ଦେଇ ମାଫିଆମାନେ ନଦୀର ସ୍ଥିତି ବିଗାଡ଼ି ଦେଉଥିବା ବେଳେ ତହସିଲ ପ୍ରଶାସନ ଏଥିପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ ହୋଇଥିଲା। କେବଳ ସେତିକି ନୁହେଁ, ଅଞ୍ଚଳରେ ସକ୍ରିୟ ଥିବା ମାଟି ମାଫିଆଙ୍କ ବିରୋଧରେ କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନ ନେବା ଏବଂ ତାଙ୍କୁ ପରୋକ୍ଷରେ ସହାୟତା କରିବା ନେଇ ତହସିଲଦାରଙ୍କ ଭୂମିକା ସନ୍ଦେହ ଘେରକୁ ଆସିଥିଲା। ଏହି ବେଆଇନ କାର୍ଯ୍ୟକଳାପକୁ ବିରୋଧ କରି ବିଭିନ୍ନ ବର୍ଗର ଲୋକେ ଏବଂ ପରିବେଶବିତ୍‌ମାନେ ଏକାଧିକ ବିଭାଗରେ ପୃଥକ୍ ପୃଥକ୍ ୩ଟି ପିଟିସନ ଦାୟର କରିଥିଲେ। ଲୋକଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ଗୁହାରି ସତ୍ତ୍ୱେ ତହସିଲଦାର ଏହି ମାଫିଆଙ୍କ ବିରୋଧରେ ନୀରବତା ଅବଲମ୍ବନ କରୁଥିଲେ, ଯାହାକି ଏକ ବଡ଼ଧରଣର ଦୁର୍ନୀତିର ସଙ୍କେତ ଦେଉଥିଲା। ଲୋକଙ୍କ ଅଭିଯୋଗର ଗୁରୁତ୍ୱକୁ ଦୃଷ୍ଟିରେ ରଖି ରାଜ୍ୟ ଭିଜିଲାନ୍ସ ପକ୍ଷରୁ ଗୁପ୍ତ ତଦନ୍ତ କରାଯାଇଥିଲା। ଆଜି ସକାଳୁ ଭିଜିଲାନ୍ସର ଏକ ୧୨ ଜଣିଆ ଟିମ୍ ତହସିଲଦାରଙ୍କ କାର୍ଯ୍ୟାଳୟ ଓ ସରକାରୀ ବାସଭବନରେ ଚଢ଼ଉ କରି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଯାଞ୍ଚ କରିଛନ୍ତି। ବାଲିଘାଟର ନିଲାମ ପ୍ରକ୍ରିୟା ଏବଂ ସେଠାରୁ ହେଉଥିବା ଉତ୍ତୋଳନର ହିସାବ ଖାତାକୁ ମଧ୍ୟ ଭିଜିଲାନ୍ସ ଅଧିକାରୀମାନେ ଅନୁଧ୍ୟାନ କରୁଥିବା ଜଣାପଡ଼ିଛି। ଏହି ଚଢ଼ଉ କଟକ ଜିଲ୍ଲାର ବେଆଇନ ଖଣି ଓ ବାଲି କାରବାର ସହ ଜଡ଼ିତ ଅସାଧୁ ଅଧିକାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି। ବର୍ତ୍ତମାନ ସୁଦ୍ଧା ଖାନତଲାସୀ ଜାରି ରହିଥିବା ବେଳେ ଏହି ମାମଲାରେ ଆଗକୁ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ଶତାୟୁ ବୃଦ୍ଧାଙ୍କ ପରଲୋକ



**ନିଶ୍ଚିନ୍ତକୋଇଲି,୧୧।୩(ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ଓଥକା ଗ୍ରାମର ଧର୍ମପରାୟଣା ଶତାୟୁ ମହିଳା ସୁନ୍ଦରୀ ମହାପାତ୍ର (୧୦୦)ଙ୍କ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ନାତି ସରୋଜ ମହାପାତ୍ର, ପଙ୍କଜ ମହାପାତ୍ର, ମନୋଜ ମହାପାତ୍ର, ସନ୍ତୋଷ ମହାପାତ୍ର, ସାର୍ଥକ ମହାପାତ୍ରଙ୍କ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ ଶୋକାକୁଳ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା। କନିଷ୍ଠ ପୁତ୍ର ଗଗନ ବିହାରୀ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ, ସରପଞ୍ଚ ମଧୁସ୍ମିତା ରାଉତ, ପୂର୍ବତନ ସରପଞ୍ଚ ରବିନ୍ଦ୍ରନାଥ ସେଠୀ, କ୍ଷୀରୋଦ ପଣ୍ଡା, ଦେବେନ୍ଦ୍ର ସାହୁ, ପରିବାର ସଭାପତି ବଲ୍ଲଭ ଚରଣ ପଲେଇ ପ୍ରମୁଖ ବହୁ ବ୍ୟକ୍ତି ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ରକ୍ତଦାନ ଶିବିର: ୬୦ ୟୁନିଟ୍ ସଂଗୃହୀତ



**ଟାଙ୍ଗୀ,୧୧।୩(ସମିସ):** ଚଳିତ ବର୍ଷ ଗ୍ରୀଷ୍ମ ଋତୁରେ ରକ୍ତ ଅଭାବ ରହୁଥିବାର ଅନୁଭବ କରି ଯୁବ ରେଡକ୍ରସ ଜିଲ୍ଲା ସଂଯୋଜିକା ତଥା ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ସହଧର୍ମିଣୀ ଡ଼ ସସ୍ମିତା ପଟ୍ଟନାୟକଙ୍କ ଉଦ୍ୟମରେ ଟାଙ୍ଗୀଠାରେ ଅନୁଷ୍ଠିତ ହୋଇଥିବା ଶ୍ରୀଜଗନ୍ନାଥଙ୍କ ପଞ୍ଚରାତ୍ର ମହୋତ୍ସବର ଶେଷ ସନ୍ଧ୍ୟାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଶ୍ରୀଜଗନ୍ନାଥଙ୍କ ସେବକ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା, ଶ୍ରୀ ଜଗନ୍ନାଥଙ୍କ ରାଷ୍ଟ୍ରୀୟ ମହିମା ପ୍ରଚାରକ ବାବା ସତ୍ୟାନନ୍ଦ ଦାସ ମହାରାଜ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଟାଙ୍ଗୀ ପଞ୍ଚରାତ୍ର କାର୍ଯ୍ୟକ୍ରମର ମୁଖ୍ୟ ଆୟୋଜକ ତଥା ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ତ୍ରିଦେବ ବେହେରା, ଶ୍ରୀଜଗନ୍ନାଥ ଭକ୍ତ ସମାଜ ସମ୍ପାଦକ ଶରତ ଖୁଣ୍ଟିଆ ପ୍ରମୁଖ ରକ୍ତଦାତଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୬୦ଜଣ ଭକ୍ତ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ବେଳେ ୩୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱେଚ୍ଛାକୃତ ରକ୍ତଦାନ କରିବା ଚର୍ଚ୍ଚାକୁ ଆସିଛି। କେନ୍ଦ୍ରୀୟ ରେଡକ୍ରସ ରକ୍ତ କେନ୍ଦ୍ର କଟକ ତରଫରୁ ଡ଼ ଅବିନାଶ ଦାଶ, ବିଶ୍ୱଜିତ ସାହାଣୀ, ସରୋଜ ମହାନ୍ତି, ପ୍ରଶାନ୍ତ ବାରିକ, କୀର୍ତ୍ତନ ବହିଦାର ପ୍ରମୁଖ ରକ୍ତ ସଂଗ୍ରହ କରିଥଲେ ଓ ବିଶ୍ୱରଞ୍ଜନ ସାହୁ, ପ୍ରୀତିରଞ୍ଜନ ବେହେରା ଓ ପ୍ରଦୀପ୍ତ ସାହୁଙ୍କ ସମେତ ଟେଟ୍ରାହେଡ୍ରନ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତା ପରିଚାଳନା କରିଥିଲେ।

# କ୍ୟାରମ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**ଚୌଦ୍ୱାର,୧୧।୩(ସମିସ):** ଚୌଦ୍ୱାରସ୍ଥିତ ଶ୍ରୀ ଶ୍ରୀ ରାହାସ ବିହାରୀଜୀଉ କ୍ୟାରମ କ୍ଲବ ଅନୁକୂଲ୍ୟରେ ଷଷ୍ଠ କ୍ୟାରମ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି ଟିମ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ରାଜେଶ ସ୍ୱାଇଁ ଓ ରାଜ ବେହେରା ଚାମ୍ପିଅନ ହୋଇଥିବା ବେଳେ ରାକେଶ ସାହୁ ଓ ରଶ୍ମି ରଞ୍ଜନ ସାହୁ ରନର୍ସଅପ୍ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରାଜନ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। କ୍ଲବର ସୌମ୍ୟ ରଞ୍ଜନ ସାହୁ, ଲିଙ୍ଗରାଜ ସାହୁ, ଅବିନାଶ ପରିଜା, ଟୁନୁ ବେହେରା, ମନିରଞ୍ଜନ ସ୍ୱାଇଁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

# ଇମ୍ଫାର ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ




**ଚୌଦ୍ୱାର,୧୧।୩(ସମିସ):** ଇମ୍ଫା କାରଖାନା ଆନୁକୂଲ୍ୟରେ ଆୟୋଜିତ ୫୫ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଶିଳ୍ପାନୁଷ୍ଠାନ ଭିତରେ ସୁରକ୍ଷା, ମାନବ ସମ୍ବଳର କଲ୍ୟାଣ ଏବଂ ଶୂନ୍ୟ ଦୁର୍ଘଟଣା ଲକ୍ଷ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇ ଶିଳ୍ପାନୁଷ୍ଠାନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ଜୋନ-୧ କାରଖାନା ଏବଂ ବାଷ୍ପିତ ନିର୍ଦ୍ଦେଶାଳୟର ସହ ନିର୍ଦ୍ଦେଶକ ଇଂ ସୁଧାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଇମ୍ଫାର ପାୱାରପ୍ଲାଣ୍ଟ ମୁଖ୍ୟ ଲଲାଟ କିଶୋର ମହାପାତ୍ର ବାର୍ଷିକ ବିବରଣୀ ଉପସ୍ଥାପନା କରି ଉଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ଦିଗରେ କାରଖାନା ନିରନ୍ତର ପ୍ରୟାସ ଜାରି ରଖିଥିବା ପ୍ରକାଶ କରିଥିଲେ। ଏହି ଅବସରରେ କର୍ମଚାରୀ, ଶ୍ରମିକ, ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହିତ ସୁରକ୍ଷା ଉପରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରାଯାଇଥିଲା। ମାନବସମ୍ବଳ ପ୍ରବନ୍ଧକ ନିରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରପ୍ରାପ୍ତ ସହଶିକ୍ଷାଧିକାରୀ ଦାୟିତ୍ୱରେ ତିନି ପ୍ରଧାନଶିକ୍ଷକ

## ୨ କିରାଣି ଓ ଚପରାଶି ପଦ ଖାଲି

**ନିଶ୍ଚିନ୍ତକୋଇଲି,୧୧।୩(ସମିସ):**




ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ୧ବର୍ଷ ହେବ ୩ଟି ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ପଦ ଖାଲି ପଡିଥିବା ବେଳେ ମୁଖ୍ୟ କିରାଣି, ବରିଷ୍ଠ କିରାଣି ଓ ଚପରାଶି ପଦ ମଧ୍ୟ ଖାଲି ରହିଛି। ବର୍ତ୍ତମାନ ୩ ଜଣ ପ୍ରଧାନଶିକ୍ଷକ ଭାରପ୍ରାପ୍ତ ସହକାରୀ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ ତୁଲାଉଥିଲେ ମଧ୍ୟ ସେମାନେ ସଠିକ ଭାବେ ଦାୟିତ୍ୱ ନିର୍ବାହ କରିପାରୁ ନ ଥିବା ଅଭିଯୋଗ ହୋଇଛି। ୩ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍କୁଲ ପରିଚାଳନା ଦାୟିତ୍ୱ ନେବା ସହିତ ସହକାରୀ ଶିକ୍ଷାଧିକାରୀ ଦାୟିତ୍ୱକୁ ଠିକ୍ ଭାବେ କରିପାରୁ ନ ଥିବାରୁ ବିଭିନ୍ନ ବିଦ୍ୟାଳୟ ତଦାରଖ କାର୍ଯ୍ୟରେ ବାଧାପ୍ରାପ୍ତ ଦେଖାଯାଇଛି। ଯାହାଦ୍ୱାରା ଶିକ୍ଷା ବିଭାଗରେ ଶାସନ ଢିଲାପଣ ଯୋଗୁ ଶିକ୍ଷାଦାନ କ୍ଷେତ୍ରରେ ବ୍ୟାହାତ ଘଟୁଥିବାର ଜଣାଯାଇଛି। ସ୍ଥାୟୀ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ନିଯୁକ୍ତି ନ ହେବାରୁ ଦାୟିତ୍ୱରେ ରହିଥିବା ୩ଜଣ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ସମସ୍ତ କାର୍ଯ୍ୟ ହାଲକା ଭାବରେ ଗ୍ରହଣ କରୁଥିବାରୁ ବିଦ୍ୟାଳୟ ତଦାରଖ କ୍ଷେତ୍ରରେ କୋହଳ ମନୋଭାବ ଦେଖିବାକୁ ମିଳିଛି। ଏହି ଶିକ୍ଷାଧିକାରୀ କାର୍ଯ୍ୟାଳୟରୁ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମୀନାରାୟଣ ରାଉତ ଜୁନ ୨୦୨୪ରୁ ଅବସର ଗ୍ରହଣ କରିବା ପରେ ତାଙ୍କ ପଦ ଖାଲି ରହିଥିଲା। ସେହିପରି ଭାବେ ଅନ୍ୟଜଣେ ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ତଥା ବିଆରସିସି ଦାୟିତ୍ୱରେ ଥିବା ପାର୍ବତୀ ନନ୍ଦ ଜାନୁଆରୀ ୨୦୨୫ରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ତାଙ୍କ ପଦ ମଧ୍ୟ ଖାଲି ରହିଛି। ସେହିପରି ଡିସେମ୍ବର ୨୦୨୪ରେ ଅନ୍ୟଜଣେ ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ଅନ୍ନପୂର୍ଣ୍ଣା ପଣ୍ଡା କେନ୍ଦ୍ରାପଡା ସଦର ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟକୁ ଡିସେମ୍ବର ୨୦୨୪ରେ ବଦଳି ହୋଇଥିଲେ ମଧ୍ୟ ତାଙ୍କ ସ୍ଥାନଟି ମଧ୍ୟ ଖାଲି ରହିଛି। ସେହିପରି କାର୍ଯ୍ୟାଳୟର ମୁଖ୍ୟ କିରାଣି ସମୀର କୁମାର ମହାନ୍ତି ଜୁଲାଇ ୨୦୨୫ରେ ଅବସର ଗ୍ରହଣ କରିଥିଲେ ମଧ୍ୟ ଅଦ୍ୟାବଧି ତାଙ୍କ ସ୍ଥାନରେ କେହି ନୂତନ ମୁଖ୍ୟ କିରାଣୀ ନିଯୁକ୍ତି ହୋଇନାହାନ୍ତି। ଏହି କାର୍ଯ୍ୟାଳୟରେ ଦୀର୍ଘ ବର୍ଷ ହେବ ବରିଷ୍ଠ କିରାଣୀ ପଦ ମଧ୍ୟ ଖାଲି ରହିଛି। ଏହି ୩ଟି ପଦବୀରେ ଫେବ୍ରୁଆରୀ ୨୦୨୫ରେ ସୁଶୀଲ ଚକ୍ରବର୍ତ୍ତୀ, ମାର୍ଚ୍ଚ ୨୦୨୫ରେ ପ୍ରଭାତ ବେହେରା ଓ ଜାକିର ହୁସେନଙ୍କୁ ଭାରପ୍ରାପ୍ତ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଭାବେ ଦାୟିତ୍ୱ ଦିଆଯାଇଥିଲା। ଏହି ୩ ଜଣ ବର୍ତ୍ତମାନ ପ୍ରଧାନଶିକ୍ଷକ ଦାୟିତ୍ୱ ତୁଲାଇବା ସହିତ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଦାୟିତ୍ୱ ତୁଲାଉଥିବା ଜଣାଯାଇଛି। ବର୍ତ୍ତମାନ ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣୀ ଅଭିରାମ ଦାସଙ୍କୁ ସାନ୍ତପୁର ଜୟନ୍ତୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଭାରାପ୍ରାପ୍ତ କିରାଣୀ ଦାୟିତ୍ୱ ଦିଆଯାଇଥିବାରୁ ସେ ମଧ୍ୟ ସଠିକ୍ ଭାବେ ତାଙ୍କ କାର୍ଯ୍ୟକୁ ତୁଲାଇପାରୁ ନ ଥିବା ଦେଖାଯାଇଛି। ଦୀର୍ଘ ବର୍ଷ ହେବ ଏହି କାର୍ଯ୍ୟାଳୟରେ କେହି ଚପରାଶି ନିଯୁକ୍ତି ନ ହେବାରୁ ମଲ୍ଲିପୁରଠାରେ ଥିବା ଅରବିନ୍ଦ ଉଚ୍ଚ ବିଦ୍ୟାଳୟର ଚପରାଶି ଏହି କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣାଯାଇଛି। ତୁରନ୍ତ ଉକ୍ତ କାର୍ଯ୍ୟାଳୟରେ ୩ଜଣ ସ୍ଥାୟୀ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ, ଜଣେ ମୁଖ୍ୟ କିରାଣି, ଜଣେ ବରିଷ୍ଠ କିରାଣୀ ଓ ୨ ଜଣ ଚପରାଶିଙ୍କୁ ନିଯୁକ୍ତି ଦେବା ପାଇଁ ଶିକ୍ଷାବିତ ମହଲରେ ଦାବି ହୋଇଛି।

# ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବାରେ ଆଶାକର୍ମୀଙ୍କ ଭୂମିକା ଅନନ୍ୟ

**କଟକ, ୧୧।୩(ସମିସ):** କଟକ ନେତାଜୀ ସଂସ୍କୃତି ଭବନଠାରେ ଆଜି ଜିଲ୍ଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ମିଳିତ ପ୍ରୟାସରେ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଆଶା କର୍ମୀ, ଗାଁ କଲ୍ୟାଣ ସମିତି ସଦସ୍ୟ ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ




## ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଜିଲ୍ଲାପାଳଙ୍କ ମତ

ଯୋଗଦେଇ କହିଥିଲେ ଯେ, ଗ୍ରାମାଞ୍ଚଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା ତଥା ଟିକାକରଣ ପ୍ରକ୍ରିୟାକୁ ସଫଳ କରିବାରେ ଆଶା କର୍ମୀମାନେ ସେତୁ ସଦୃଶ କାର୍ଯ୍ୟ କରୁଛନ୍ତି। ବିଶେଷ କରି ପ୍ରସୂତିକାଳୀନ ଉଚ୍ଚ ରକ୍ତଚାପ ଜନିତ ମାତୃ ମୃତ୍ୟୁହାର ହ୍ରାସ କରିବା ପାଇଁ ଗର୍ଭବତୀ ମହିଳାଙ୍କୁ ପ୍ରସବର ଏକ ମାସ ପୂର୍ବରୁ ଡାକ୍ତରୀ ପରୀକ୍ଷା କରାଇ ସଠିକ୍ ରିପୋର୍ଟ ସଂଗ୍ରହ କରିବାକୁ ସେ ଆଶା କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରା ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଆଶା କର୍ମୀ ଓ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ପ୍ରଶାନ୍ତ କୁମାର ହୋତା ସ୍ୱାଗତ ଭାଷଣ ଦେଇ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜିଲ୍ଲା ସଂଯୋଜକ ନୃସିଂହ ଚରଣ ଭୂୟାଁ ଆଶାକର୍ମୀଙ୍କ ପାଇଁ ଥିବା ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଚିନ୍ତାମଣି ମିଶ୍ର, ଡା. ବସନ୍ତ ସାହୁ ଏବଂ ଜିଲ୍ଲା କାର୍ଯ୍ୟ ପରିଚାଳକ ଟି. ନାରାୟଣ ରାଓଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ମନ୍ଦାକିନୀ ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମୌଳିକ ସୁବିଧାରୁ ବଞ୍ଚିତ ୫୬ ନମ୍ବର ୱାର୍ଡ ବାସିନ୍ଦା

# ମୁଖ୍ୟ ସଚିବ, ଡିଜିପି ଓ ଜିଲ୍ଲାପାଳଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

**କଟକ, ୧୧।୩(ସମିସ)**

କଟକ ମହାନଗର ନିଗମର ୫୬ ନମ୍ବର ୱାର୍ଡରେ ଦୀର୍ଘ ୩୦ ବର୍ଷ ଧରି ଲାଗି ରହିଥିବା ମୌଳିକ ସମସ୍ୟା ଓ ପ୍ରଶାସନିକ ଅବହେଳାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହି ସମସ୍ୟାକୁ ମାନବାଧିକାର ତଥା ସମ୍ବିଧାନର ଧାରା ୨୧ ଜୀବନ ଧାରଣର ଅଧିକାରର ଉଲ୍ଲଙ୍ଘନ ଦର୍ଶାଇ କମିଶନ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କୁ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ମାଗିଛନ୍ତି। ରାଜ୍ୟ ମୁଖ୍ୟ ଶାସନ ସଚିବ, ପୁଲିସ ମହାନିର୍ଦ୍ଦେଶକ, କଟକ ଜିଲ୍ଲାପାଳ ଏବଂ ସିଏମସି କମିଶନରଙ୍କୁ ନୋଟିସ ଜାରି କରିଛନ୍ତି ଏନଏଚଆରସି। ଆସନ୍ତା ୪ ସପ୍ତାହ ମଧ୍ୟରେ ଏହି ସମସ୍ୟାର ସମାଧାନ ପାଇଁ କ'ଣ ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ଦୀର୍ଘ ଦିନ ଧରି ଅବହେଳିତ ହୋଇ ରହିଥିବା ଉତ୍ତମାପୁର, ସୁଭଦ୍ରାପୁର, ଗୋପାଳପୁର ଓ ବାଲିକୁଦା ଭଳି ପ୍ରାୟ ୧୪ଟି ଗ୍ରାମର ବାସିନ୍ଦା ନ୍ୟାୟ ପାଇବା ନେଇ ଆଶା ପ୍ରକଟ କରିଛନ୍ତି। ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ଓ ୱାର୍ଡର ଅନ୍ୟ ବାସିନ୍ଦାମାନେ ଏନଏଚଆରସି ନିକଟରେ ଅଭିଯୋଗ କରିଥିଲେ ଯେ ୧୯୯୭ ମସିହାରୁ ୱାର୍ଡ ନଂ-୫୬ ସିଏମସି ଅଧୀନକୁ ଆସିଥିଲେ ମଧ୍ୟ ଏଠାରେ ବାସ କରୁଥିବା ପ୍ରାୟ ୫୦ହଜାର ଲୋକ ସର୍ବନିମ୍ନ ସୁବିଧାରୁ ବଞ୍ଚିତ ହୋଇଆସୁଛନ୍ତି। ସମଗ୍ର ୱାର୍ଡରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ଦିନେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ଅନେକ ସ୍ଥାନରେ ପକ୍କା ରାସ୍ତା ନାହିଁ ଏବଂ ଥିବା ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ନ ଥିବାରୁ ଲୋକେ ଅନ୍ଧାରରେ ଯାତାୟାତ କରୁଛନ୍ତି। କଟକ-ବାଙ୍କୀ ରାସ୍ତାରେ ପ୍ରତି ମିନିଟରେ ପ୍ରାୟ ୨୦ଟି ଯାନବାହନ ଚଳାଚଳ କରୁଛି, ଯେଉଁଥିରେ ଅନେକ ଭାରୀଯାନ (ଟିପ୍ପର/ଟ୍ରକ୍) ମଧ୍ୟ ସାମିଲ ଅଛି। ଏହା ଜନଜୀବନ ପ୍ରତି ବିପଦ ସୃଷ୍ଟି କରୁଥିବା ବେଳେ ପୁଲିସ ନିୟମ ଅନୁସାରେ ଏହି ଯାନଗୁଡ଼ିକୁ ରୋକାଯାଉ ନାହିଁ। କୁଆଖାଇ ନଦୀ ଉପରେ ଥିବା ପୁରୁଣା ସେତୁଟି ଅତି ଦୟନୀୟ ଅବସ୍ଥାରେ ରହିଛି। ମୁକାମେଶ୍ୱରରୁ ପୁରୀଘାଟ (ଦେବୀଗଡ଼ା) କୁ ସଂଯୋଗ କରୁଥିବା ନୂତନ କାଠଯୋଡ଼ି ସେତୁ ନିର୍ମାଣ ପାଇଁ ଘୋଷଣା ହେବାର ୪ ବର୍ଷ ବିତିଯାଇଥିଲେ ମଧ୍ୟ ଏହା କେବଳ କାଗଜପତ୍ରରେ ସୀମିତ ଅଛି। ସହରର ଅନ୍ୟ ସ୍ଥାନରେ 'ଆମ ବସ' ସୁବିଧା ଥିବାବେଳେ ୫୬ ନମ୍ବର ୱାର୍ଡବାସୀ ଏଥିରୁ ବଞ୍ଚିତ ହୋଇଛନ୍ତି ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି।

## ଉତ୍କଳ ବିଦ୍ୟା ଗୌରବ ପରିଷଦ ଓ ସୁନା ଦୂବ ପକ୍ଷରୁ ମହିଳା ଦିବସ



**କଟକ, ୧୧।୩(ସମିସ):** ଉତ୍କଳ ବିଦ୍ୟା ଗୌରବ ପରିଷଦ ଓ ସୁନା ଦୂବ ଅନୁଷ୍ଠାନର ମିଳିତ ସହଯୋଗରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ନୀଳଚକ୍ର ଅନୁଷ୍ଠାନର ସଭାନେତ୍ରୀ ନମିତା ପଣ୍ଡା ଏହାକୁ ଉଦ୍‌ଘାଟିତ କରିଥିଲେ। ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଅଧ୍ୟାପକ ଅଶୋକ ପଣ୍ଡା। ମୁଖ୍ୟଅତିଥି ଭାବେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ଏବଂ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ଼. ସେଖ୍ କଲିମୁଲ୍ଲା ଉତ୍ତମ ସମାଜ ଗଠନରେ ମହିଳାଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମତାମତ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ରୋଟାରିଆନ ଇନ୍ଦିରା ପ୍ରିୟଦର୍ଶିନୀ ପ୍ରସାଦ, ବରେଣ୍ୟ ଅତିଥି ଭାବେ ଶିକ୍ଷାବିତ ଯୋଗେନ୍ଦ୍ରନାଥ ବସ୍ତିଆ, ସମ୍ମାନନୀୟ ବକ୍ତା ଭାବେ ଅଧ୍ୟାପକ ଡ଼. କିଶୋର ଚନ୍ଦ୍ର ଦାସ, ସମ୍ମାନନୀୟ ଅତିଥି ଭାବେ ଅଧ୍ୟାପକ ଡ. କ୍ଷୀରୋଦ ସାହୁ ଯୋଗଦେଇଥିଲେ ଏବଂ ତିରିଶରୁ ଊର୍ଦ୍ଧ୍ୱ ପ୍ରତିଷ୍ଠିତ ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ସୁନା ଦୂବ ଅନୁଷ୍ଠାନର ସଭାପତି ସନ୍ନ୍ୟାସିନୀ ବିଦ୍ୟୁତ କୁମାରୀ ଲାଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। କମିଟିର ସଦସ୍ୟ ତାରାକାନ୍ତ ଅଗସ୍ତି, ସନ୍ତୋଷ ସାହୁ, ସନ୍ତୋଷ ଖଟୁଆ, ପ୍ରସନ୍ନ ଓଝା, ଭବାନୀ ବାରିକ, ପ୍ରସାଦ ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କେତେଜଣ ପ୍ରତିଷ୍ଠିତ ମହିଳାମାନଙ୍କୁ 'ନାରୀ ପ୍ରତିଭା ସମ୍ମାନ-୨୦୨୬'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ସନ୍ତୋଷ ଖଟୁଆ ଧନ୍ୟବାଦ ଦେଇଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ମହିଳା ଦିବସ

**କଟକ, ୧୧।୩(ସମିସ):** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କଟକ ଶାଖା ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ଅତ୍ୟନ୍ତ ଆଧ୍ୟାତ୍ମିକ ଭାବଧାରା ମଧ୍ୟରେ ପାଳିତ ହୋଇଯାଇଛି। 'ବନ୍ଦେ ମାତରମ୍ ସ୍ୱର୍ଣ୍ଣିମ ଭାରତ' ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ଭବ୍ୟ ମହିଳା ସମାବେଶରେ ସହରର ବିଭିନ୍ନ ବର୍ଗର ୫୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ମୁଖ୍ୟ ସଚିବ ଉଷା ପାଢ଼ୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ 'ସ୍ୱାଭିମାନ'ର ସିଇଓ ପଦ୍ମଶ୍ରୀ ଡଃ ସ୍ମୃତି ମହାପାତ୍ର, ଆଚାର୍ଯ୍ୟ ହରିହର କ୍ୟାନସର ପ୍ରତିଷ୍ଠାନର ଡିନ୍ ତଥା ପ୍ରଫେସର ଡଃ ରେଖା ଦାସ ଯୋଗଦେଇଥିଲେ। କଟକ ସବ୍‌ଜୋନ୍ ମୁଖ୍ୟ ସଞ୍ଚାଳିକା ରାଜଯୋଗିନୀ ବ୍ରହ୍ମକୁମାରୀ ସୁଲୋଚନା ଆଶୀର୍ବଚନ ପ୍ରଦାନ କରି ସଂସ୍ଥାର ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଜଗତପୁର ସେବାକେନ୍ଦ୍ରର ମୁଖ୍ୟ ସଞ୍ଚାଳିକା ବ୍ରହ୍ମକୁମାରୀ ଗୀତାଞ୍ଜଳି ମହିଳା ସଶକ୍ତିକରଣର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ କୁମାରୀ ତିତଲୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଏବଂ ସଂସ୍ଥାର ପୂର୍ବତନ ସଞ୍ଚାଳିକା ରାଜଯୋଗିନୀ ଡ. କମଲେଶ ଦିଦିଜୀଙ୍କ ଉପରେ ଆଧାରିତ ଏକ ଡକ୍ୟୁମେଣ୍ଟାରୀ ପ୍ରଦର୍ଶିତ ହୋଇଥିଲା। କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ବ୍ରହ୍ମକୁମାରୀ ପ୍ରତିଭା ଉପସ୍ଥିତ ମହିଳାମାନଙ୍କୁ ରାଜଯୋଗ ଅଭ୍ୟାସ କରାଇଥିଲେ। ବ୍ରହ୍ମକୁମାରୀ ସିପ୍ରା ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ରହ୍ମକୁମାରୀ ସନ୍ଧ୍ୟା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ବ୍ରହ୍ମକୁମାରୀ ରୀନା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ବ୍ରହ୍ମକୁମାରୀ ଦେବସ୍ମିତା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ସଂସ୍ଥାର ଅନେକ ବ୍ରହ୍ମକୁମାର ଓ ବ୍ରହ୍ମକୁମାରୀ ଭାଇଭଉଣୀ ସହଯୋଗ କରିଥିଲେ।




# ୨୧ରୁ ପରିବହନ ବିଭାଗର ସ୍ୱତନ୍ତ୍ର ଅଭିଯାନ

**କଟକ,୧୧।୩(ସମିସ):** ରାଜ୍ୟରେ ସଡ଼କ ଦୁର୍ଘଟଣା ଓ ତଦଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ଚିନ୍ତାଜନକ ହୋଇଥିବା ବେଳେ ଏହାକୁ ହ୍ରାସ ଲକ୍ଷ୍ୟରେ ପରିବହନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯିବ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ଅତିରିକ୍ତ ଆରଟିଓଙ୍କୁ ଏ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି କରିଛି ରାଜ୍ୟ ପରିବହନ ପ୍ରାଧିକରଣ। ସଡ଼କ ସୁରକ୍ଷା ନିୟମ ଅନୁପାଳନକୁ ଅଧିକ କଡ଼ାକଡ଼ି କରିବା ଏବଂ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ଆସନ୍ତା ମାର୍ଚ୍ଚ ୨୧ ରୁ ୩୧ ପର୍ଯ୍ୟନ୍ତ ସାରା ରାଜ୍ୟରେ ଏହି ଅଭିଯାନ କରାଯିବ। ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା, ମଦ୍ୟପାନ କରି ଡ୍ରାଇଭିଂ କରିବା, ବିନା ହେଲମେଟରେ ବାଇକ୍ ଚଳାଇବା, ଭୁଲ୍ ଦିଗରେ ଗାଡ଼ି ଚଳାଇବା ଏବଂ ଓଭରଲୋଡିଂ ଭଳି ନିୟମ ଉଲ୍ଲଙ୍ଘନ ଯୋଗୁଁ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଉଛି। ନିୟମ ଉଲ୍ଲଙ୍ଘନ କରି ନିଜ ସହ ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ଜୀବନ ବିପଦରେ ପକାଉଥିବା ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ ଉଭୟ ସଚେତନତା ଓ ଏନଫୋର୍ସମେଣ୍ଟ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି।

ମୁଖ୍ୟତଃ ଦୁର୍ଘଟଣାପ୍ରବଣ ସ୍ଥାନ, ଜାତୀୟ ଓ ରାଜ୍ୟ ରାଜପଥ, ଖଣି ଓ ଶିଳ୍ପାଞ୍ଚଳ, ସହର ଓ ଗାଁର ମୁଖ୍ୟ ରାସ୍ତା, ପ୍ରମୁଖ ଛକ, ବଜାର ଅଞ୍ଚଳ ଏବଂ ବସ୍ ଷ୍ଟାଣ୍ଡ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ କରାଯିବ। ଏହା ସହିତ ଖଣି ଏବଂ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଟିପ୍ପର, ଡମ୍ପର, ହାଇୱା ଏବଂ ଅନ୍ୟାନ୍ୟ ଭାରୀ ଯାନଗୁଡ଼ିକର ଡ୍ରାଇଭିଂ ଲାଇସେନ୍ସ, ଓଭରଲୋଡିଂ ଏବଂ ଅନ୍ୟାନ୍ୟ ଆଇନଗତ ନିୟମର ଅନୁପାଳନ ଉପରେ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯିବ। ପରିବହନ ବିଭାଗ

- ଚିନ୍ତା ବଢ଼ାଇଛି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ
- ଦ୍ରୁତଗତି ଓ ମଦ୍ୟପାନ କରି ଗାଡ଼ି ଚାଳନା ବିରୋଧରେ ହେବ କଡ଼ା ଯାଞ୍ଚ

ଦ୍ୱାରା ଜିଲ୍ଲା ପ୍ରଶାସନ ଓ ପୁଲିସ ସହଭାଗିତାରେ ଏହି ଅଭିଯାନ କରାଯିବ। ସେହିଭଳି ରକ୍ତଦାନ ଶିବିର, ଚକ୍ଷୁ ପରୀକ୍ଷା ଶିବିର, ଚାଳକ ଓ ଯାତ୍ରୀଙ୍କ ପାଇଁ ସଡ଼କ ସୁରକ୍ଷା ପରାମର୍ଶ କାର୍ଯ୍ୟକ୍ରମ, ଗାଡ଼ି ମାଲିକ ସଂଘ ଓ ପରିବହନ ସଂଘ ସହିତ ଆଲୋଚନା ଏବଂ ଶିକ୍ଷାନୁଷ୍ଠାନ ତଥା ସାର୍ବଜନୀନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ। ସଡ଼କ ସୁରକ୍ଷାକୁ ନେଇ ମୁଖ୍ୟମନ୍ତ୍ରୀ ଦେଇଥିବା ଆହ୍ୱାନ- ସୁରକ୍ଷିତ ଭାବରେ ଘରକୁ ଫେରନ୍ତୁର ଗୁରୁତ୍ୱକୁ ବୁଝାଇବା ଉପରେ ପ୍ରାଥମିକତା ଦିଆଯାଇଛି।

## ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟର ମହିଳା ଦିବସ

**କଟକ, ୧୧।୩(ସମିସ):** କଟକର ସାମାଜିକ, ସାଂସ୍କୃତିକ, ସାହିତ୍ୟିକ ଅନୁଷ୍ଠାନ ଲାବଣ୍ୟବତୀ ଚାରିଟେବୁଲ ଟ୍ରଷ୍ଟ, ମେରିଆ ବଜାର ତରଫରୁ କଟକର ଟାଉନହଲଠାରେ ଶିକ୍ଷାବିତ ପଙ୍କଜିନୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଛି। ଏହି ଉତ୍ସବରେ ଟ୍ରଷ୍ଟର ଉପସଭାପତି ଭାବେ ସୁଶ୍ରୀ ବିଦ୍ୟୁତ କୁମାରୀ ଲାଲା,



ବରେଣ୍ୟ ଅତିଥି ଭାବେ ଡାକ୍ତର ଦୀପ୍ତିରାଣୀ ସାମନ୍ତ, ମୁଖ୍ୟଅତିଥି ଭାବେ ଡାକ୍ତର ରେଖା ଦାସ, ମୁଖ୍ୟବକ୍ତା ଭାବେ ଡାକ୍ତର ଅରୁଣା ଆଚାର୍ଯ୍ୟ, ସମ୍ମାନନୀୟ ବକ୍ତା ଭାବେ ସମାଜସେବୀ ନମିତା ମଞ୍ଜରୀ ସାହୁ, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପକ ନିହାରବାଳା ତ୍ରିପାଠୀ ଯୋଗଦେଇ ମହିଳା ଦିବସ ପାଳନ ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ସମାଜସେବୀ ତଥା ସ୍ତମ୍ଭକାର ମୀରା ବେଉରା ସ୍ୱାଗତ ଭାଷଣ ଦେଇଥିବା ବେଳେ, ସଭ୍ୟା ରୂପସୀ ମହାପାତ୍ର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ସଭାପତି ଦେବେନ୍ଦ୍ର ପରିଡ଼ା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବା କ୍ଷେତ୍ରରେ ନିଃସ୍ୱାର୍ଥପର ସେବା ପାଇଁ ଓଡ଼ିଶାରୁ ୩୦ଜଣ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସମସ୍ତ ସଭ୍ୟ ଓ ସଭ୍ୟା ସହଯୋଗ କରିଥିଲେ।

## ଓଜେପିଟି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

**କଟକ, ୧୧।୩(ସମିସ):** କଟକସ୍ଥିତ ସିଏମସି ଟାଉନ ହଲ୍ ପରିସରରେ ଓଡ଼ିଶା ଯୁବ ପ୍ରଶିକ୍ଷଣ ଟ୍ରଷ୍ଟ (ଓଜେପିଟି) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମହିଳା ସଶକ୍ତିକରଣ, ନେତୃତ୍ୱ ବିକାଶ ଏବଂ ସାମାଜିକ ଉନ୍ନତିକୁ ମୁଖ୍ୟ ଅଭିମୁଖ୍ୟ ଭାବେ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବ ପ୍ରତିଭାଙ୍କ ଅଦମ୍ୟ ଉତ୍ସାହ ଦେଖିବାକୁ ମିଳିଥିଲା। ଏହି ଅବସରରେ ବାଳିକା ଓ ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ରଚନା ଲେଖନ, ହେୟାର ଏଣ୍ଡ ମେକଅପ୍, ନେଲ୍ ଆର୍ଟ, ମେହେନ୍ଦି ଏବଂ ମିଲେଟ୍ ରେସିପି ଭଳି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନେ ନିଜର ସୃଜନଶୀଳତା ଓ କୌଶଳ ପ୍ରଦର୍ଶନ କରିଥିଲେ। ମୁଖ୍ୟ ସମାରୋହରେ ଡ. ଚିଦାରିକା ଖଟୁଆ, ନମ୍ରତା ଚଢ଼ା, ସୁକୃତି ପଟ୍ଟନାୟକ ଏବଂ ସୁଚିସ୍ମିତା ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପ୍ରେରଣାଦାୟକ ଉଦ୍‌ବୋଧନ ଦେଇଥିଲେ। ଉତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ଭାବେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଉଦୟମାନ ଯୁବ ପ୍ରତିଭା ଓ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ଓଜେପିଟିର ଅଧ୍ୟକ୍ଷ ସୁରେନ୍ଦ୍ର ସ୍ୱାଇଁ ଏବଂ ଉପାଧ୍ୟକ୍ଷା ମନୋରମା ଦେଇ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।



- ଜନଗଣନା-୨୦୨୭ କ୍ଷେତ୍ର ପ୍ରଶିକ୍ଷକଙ୍କ ପ୍ରଶିକ୍ଷଣ ଶେଷ

## ସମ୍ପୂର୍ଣ୍ଣ ଡିଜିଟାଲ୍ ମାଧ୍ୟମରେ ହେବ ଗଣନା

**କଟକ, ୧୧।୩(ସମିସ):** ଆସନ୍ତା ୨୦୨୭ ଜନଗଣନା କାର୍ଯ୍ୟକୁ ସ୍ୱଚ୍ଛ ଓ ନିର୍ଭୁଲ ଭାବେ ସମ୍ପାଦନ କରିବା ଲକ୍ଷ୍ୟରେ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ କ୍ଷେତ୍ର ପ୍ରଶିକ୍ଷକମାନଙ୍କର ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ସଫଳତାର ସହ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ୩୩ ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କୁ ତାଲିମ ପ୍ରଦାନ କରାଯିବା ସହ ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାର୍ଚ୍ଚ ୧୬ ପର୍ଯ୍ୟନ୍ତ ଦୁଇଟି ବ୍ୟାଚ୍‌ରେ ଅନୁଷ୍ଠିତ ହେବ। ଏଥିରେ ମୋଟ ୬୬ ଜଣ କ୍ଷେତ୍ର ପ୍ରଶିକ୍ଷକଙ୍କୁ ତାଲିମ ଦିଆଯିବାର ଲକ୍ଷ୍ୟ ରହିଛି। ଜିଲ୍ଲାପାଳ ତଥା ଜିଲ୍ଲା ପ୍ରମୁଖ ଜନଗଣନା ଅଧିକାରୀ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲିଥିବା ବେଳେ, ଅତିରିକ୍ତ ଜିଲ୍ଲାପାଳ କମଲଜିତ ଦାସ ଏହାର ପ୍ରଶାସନିକ ତଦାରଖ କରୁଛନ୍ତି। ଚଳିତ ଜନଗଣନାର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହା ସମ୍ପୂର୍ଣ୍ଣ ଭାବେ ଡିଜିଟାଲ୍ ମାଧ୍ୟମରେ କରାଯିବ। ଏହି ନୂତନ ପ୍ରକ୍ରିୟା ସମ୍ପର୍କରେ ରାଜ୍ୟ ଜନଗଣନା ପରିଚାଳନା କେନ୍ଦ୍ରର ସହକାରୀ ନିର୍ଦ୍ଦେଶକ ମିଲିତା ଦତ୍ତ ଏବଂ ଡେପୁଟି କଲେକ୍ଟର (ଜନଗଣନା) ନୁରି ପରଭିନ୍ ମାଷ୍ଟର ଟ୍ରେନର ଭାବେ କ୍ଷେତ୍ର ପ୍ରଶିକ୍ଷକମାନଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି। ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଜନଗଣନାକୁ କିଭଳି ଅଧିକ ସଠିକ୍ କରାଯାଇପାରିବ, ସେନେଇ ପ୍ରଶିକ୍ଷଣରେ ଗୁରୁତ୍ୱାରୋପ କରାଯାଇଛି।




## ଆତ୍ମହତ୍ୟା ଉଦ୍ୟମ କରିଥିବା ମହିଳାଙ୍କ ମୃତ୍ୟୁ

**କଟକ, ୧୧।୩(ସମିସ):** ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇଥିବା ଯାଜପୁର ଜିଲ୍ଲାର ଜଣେ ମହିଳାଙ୍କର ଗତକାଲି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଧର୍ମଶାଳା ଅଞ୍ଚଳର ପୂଜାଶ୍ରୀ ମଲ୍ଲିକ (୨୫)। ଏହି ଘଟଣାରେ ବାଦାମବାଡ଼ି ଥାନା ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ ଯେ, କିଛି ଦିନ ତଳେ ପୂଜାଶ୍ରୀ ନିଜ ଶାଶୂଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଏସସିବି ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଅଧିକ ଚିକିତ୍ସା ପାଇଁ ତାଙ୍କୁ ବାଦାମବାଡ଼ି ଅଞ୍ଚଳରେ ଥିବା ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ନ ଆସିବାରୁ ମଙ୍ଗଳବାର ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଖବର ପାଇ ବାଦାମବାଡ଼ି ଥାନା ପୁଲିସ ହସ୍ପିଟାଲରେ ପହଞ୍ଚି ଶବ ଜବତ କରିଥିଲା। ପୁଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ପ୍ରାଥମିକ ତଦନ୍ତ ଅନୁଯାୟୀ ଏହା ଏକ ଆତ୍ମହତ୍ୟା ଜନିତ ମୃତ୍ୟୁ ବୋଲି ଜଣାପଡ଼ିଥିଲେ ମଧ୍ୟ ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

**କଟକ, ୧୧।୩(ସମିସ):** ଓଡିଆ ଭାଷା ଜାତୀୟସ୍ତରରେ ଶାସ୍ତ୍ରୀୟ ମାନ୍ୟତା ଲାଭ କରିଛି। ଏହା ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଆମେ ନିଜ ଭାଷାର ବ୍ୟବହାରକୁ ବ୍ୟାପକରୁ ବ୍ୟାପକତର କରିବା ଆବଶ୍ୟକ ବୋଲଇ ବୁଧବାର ପୂର୍ବାହ୍ନରେ ଶ୍ରୀରାମଚନ୍ଦ୍ର ଭବନ ପରିସରରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ଆୟୋଜିତ ଶାସ୍ତ୍ରୀୟ ଓଡିଆ ଭାଷା ଦିବସ ପାଳନ ଅବସରରେ ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ସାଧାରଣ ସମ୍ପାଦକ ରାଜୀବ କୁମାର ଷଡଙ୍ଗୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟନିର୍ବାହିକା ସମିତିସଭ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ, ପୂର୍ବତନ ସଂଗଠନ ସମ୍ପାଦକ ଡ. ସୁନାମଣି ରାଉତଙ୍କ ସମେତ ଗଜେନ୍ଦ୍ର ପାଣି, ବିଦ୍ୟୁତ କୁମାରୀ ଲାଲା, ଗୌତମ ଚନ୍ଦ୍ର କର, ନୃସିଂହ ଚରଣ ସାହୁ, ରମେଶ ଚନ୍ଦ୍ର ନାୟକ, ଶରତଚନ୍ଦ୍ର ଦାଶ ପ୍ରମୁଖ ଓଡିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନ ପରିସରସ୍ଥ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ଅନୁକୂଳ ପାଗ ପାଇଁ ଏଥର ଆଳୁ ଉତ୍ପାଦନ ବୃଦ୍ଧି

# ଶୀତଳଭଣ୍ଡାର ଅଭାବ ନେଇ ଚାଷୀ ଚିନ୍ତାରେ

**କଟକ, ୧୧।୩(ସମିସ)**

କଟକ ଜିଲ୍ଲାରେ ଏଥର ଆଳୁ ଉତ୍ପାଦନ ବୃଦ୍ଧି ପାଇଥିଲେ ମଧ୍ୟ ଅମଳ ସମୟରେ କମ ଦରରେ ଚାଷୀ ସେମାନଙ୍କ ଉତ୍ପାଦିତ ଆଳୁ ବିକ୍ରି କରିବା ପାଇଁ ବାଧ୍ୟ ହେଉଛନ୍ତି। ବିଗତ କିଛି ବର୍ଷ ଧରି ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ବେଳେ ଏଥିପାଇଁ ଆଳୁ ଚାଷ ବଢ଼ିବା ପରିବର୍ତ୍ତେ କମି କମି ଯାଉଛି। ଜିଲ୍ଲା ଉଦ୍ୟାନକୃଷି ବିଭାଗ ତରଫରୁ ଯେତିକି ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି ସେତିକି ଅଞ୍ଚଳରେ ଆଳୁ ଚାଷ କରାଯାଇପାରୁନାହିଁ। ଚଳିତ ବର୍ଷ ଜିଲ୍ଲାର ୧୪ଗୋଟି ବ୍ଲକରେ ୫୦୦ହେକ୍ଟରରୁ ଅଧିକ ଜମିରେ ଆଳୁ ଚାଷ କରାଯାଇଥିଲା। ଏପରିକି ଶୀତର ପ୍ରଭାବ ଜାରି ରହିବା କାରଣରୁ ଆଳୁ ଉତ୍ପାଦନ ମଧ୍ୟ ବଢ଼ିଥିଲା। ହେଲେ ଅମଳ ସମୟରେ ଆଳୁ ଦର କମ ରହିବାରୁ ଚାଷୀ ମାନେ ବେପାରୀ କମ ଦରରେ ବିକ୍ରି ପାଇଁ ବାଧ୍ୟ ହେଉଛନ୍ତି। ଜିଲ୍ଲାର ୧୪ଗୋଟି ବ୍ଲକ ମଧ୍ୟରୁ ସାଧାରଣତଃ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି, ସଦର, ବାଙ୍କୀ, ଡମପଡ଼ା, ତିଗିରିଆ, ଆଠଗଡ଼, କଣ୍ଟାପଡ଼ା, ବାରଙ୍ଗ, ନିଆଳି ଆଦି କେତେକ



ବ୍ଲକରେ ଅଧିକ ପରିମାଣରେ ଆଳୁ ଚାଷ କରାଯାଇଥାଏ। ଚଳିତ ବର୍ଷ କଟକ ଜିଲ୍ଲାରେ ପ୍ରାୟ ୬୫୦ହେକ୍ଟର ଜମିରେ ଆଳୁ ଚାଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲେ ମଧ୍ୟ ଏହି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇନଥିଲା। ଅନେକ ଚାଷୀ ରିଆତି ଅର୍ଥ ପାଇବା ପାଇଁ ଆଳୁ ବିହନ ନେଉଥିଲେ ମଧ୍ୟ ସେତିକି ଜମିରେ ଚାଷ କରିପାରିନଥିଲେ। ସରକାରଙ୍କ ପକ୍ଷରୁ ଏଥିପାଇଁ ସବ୍‌ସିଡି ଯୋ।ଗାଇ ଦିଆଯାଇଆସୁଥିଲେ ମଧ୍ୟ ଆଳୁ ଚାଷ ଜିଲ୍ଲାରେ ବ୍ୟାପକ ହୋଇପାରୁନି। ଆଳୁ ଚାଷ ସମୟରେ କିଲୋ ପ୍ରତି ଚାଷୀ କିଲୋ ପ୍ରତି ୩୦ଟଙ୍କାରେ ଆଳୁ ବିହନ କିଣିଥିଲେ। ଏବେ ଆଳୁ ଅମଳ ବେଳକୁ କିଲୋ ପ୍ରତି ମାତ୍ର ୮-୧୦ଟଙ୍କାରେ ବେପାରୀଙ୍କୁ ଦେଉଥିବା ଜଣାପଡ଼ିଛି। ଯେଉଁଠି ଖୁଚୁରା ବଜାରରେ ମଧ୍ୟ କିଲୋ ପ୍ରତି ୧୨-୧୩ଟଙ୍କା ରହିଛି ଦର। ସରକାରୀ ସ୍ତରରେ ଆଳୁ ବିହନ ଯୋଗାଣ ସବୁ ବର୍ଷ ବିଳମ୍ବ ହେତୁ ଚାଷୀ ମାନେ ବଜାରରୁ ଚଢ଼ା ଦରରେ ଆଳୁ ମଞ୍ଜି କିଣିଥାନ୍ତି। ସେହିଭଳି ଆଳୁ ଅମଳ ପରେ ଶସ୍ତାରେ ନବିକି ସଂରକ୍ଷଣ ପାଇଁ ଇଚ୍ଛା କରୁଥିବା ଚାଷୀ ମାନେ ଶୀତଳଭଣ୍ଡାର ଅଭାବରୁ ଚିନ୍ତାରେ ପଡୁଛନ୍ତି। ଏଥିପାଇଁ ଚାଷରୁ ବିମୁଖ ହେବାର ଅନ୍ୟତମ କାରଣ ବୋଲି ବିବେଚନା କରାଯାଉଛି। ସାଲେପୁର ବହୁଗ୍ରାମର ବାପୁଜି ଶୀତଳଭଣ୍ଡାର, କଟକ ସଦରର ବୟାଳିଶମୌଜା, ନିଆଳି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଲକ୍ଷେଶ୍ୱର, ବାଙ୍କୀ ଓ ଆଠଗଡ଼ରେ ବନ୍ଦ ହୋଇପଡ଼ିଛି ଚାଷୀଙ୍କ କହିବାନୁଯାୟୀ, ଗୋଟିଏ ହେକ୍ଟର ଜମିରେ ଆଳୁ ଚାଷ ପାଇଁ ଅତିକମରେ ୧୫କ୍ୱିଣ୍ଟାଲ ଆଳୁ ବିହନର ଆବଶ୍ୟକତା ରହିଛି। ଆଳୁ ବିହନ କିଲୋ ପ୍ରତି ୩୦ରୁ ୩୫ଟଙ୍କା ଦରରେ କିଣି ଚାଷ କରୁଥିବା ବେଳେ ଅମଳ ବେଳକୁ ବ୍ୟବସାୟୀଙ୍କ ହାତକୁ ୮-୧୦ଟଙ୍କା ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି।

## କଟକ ୱାକର୍ସ କ୍ଲବ୍‌ର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

- ସଭାପତି ଭାବେ ଦାୟିତ୍ୱ ନେଲେ ଡାକ୍ତର ଜୟନ୍ତ ପଣ୍ଡା



**କଟକ, ୧୧।୩(ସମିସ):** ୱାକର୍ସ କ୍ଲବ୍, କଟକ ପକ୍ଷରୁ ୨୦୨୬-୨୭ ବର୍ଷ ପାଇଁ ନବ ନିର୍ବାଚିତ କର୍ମକର୍ତ୍ତାମାନଙ୍କର ଶପଥ ଗ୍ରହଣ ଉତ୍ସବ ସ୍ଥାନୀୟ ଅଞ୍ଚଳରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ୱାକର୍ସ ଇଣ୍ଟରନ୍ୟାସନାଲ ଡିଷ୍ଟ୍ରିକ୍ଟ-୧୦୪ର ଜିଲ୍ଲା ଗଭର୍ଣ୍ଣର ରାଜକିଶୋର ସ୍ୱାଇଁ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏହି ନୂତନ କମିଟିରେ ବିଶିଷ୍ଟ ଚିକିତ୍ସକ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଡାକ୍ତର ବିଶ୍ୱରଞ୍ଜନ ମିଶ୍ର ଓ ପ୍ରଫୁଲ୍ଲ କୁମାର ସାହୁ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରିୟରଞ୍ଜନ ମହାପାତ୍ର ସମ୍ପାଦକ, ଡ. ସରୋଜ ସ୍ୱାଇଁ ଓ ଡ. ଓଁକାର ରାଉତ ଯୁଗ୍ମ ସମ୍ପାଦକ ଏବଂ ବନମାଳୀ ଶୁକ୍ଳ କୋଷାଧ୍ୟକ୍ଷ ଭାବେ ଶପଥ ନେଇଛନ୍ତି। ଏଥିସହିତ କୃତିବାସ ପଣ୍ଡା ଓ ପ୍ରଶାନ୍ତ କାନୁନଗୋ ସହସମ୍ପାଦକ ଏବଂ ରାକେଶ ଶତପଥି ଓ ରଞ୍ଜନ ଦାସ ଜଲି-ୱାକର ଭାବେ ଦାୟିତ୍ୱ ପାଇଛନ୍ତି। କ୍ଲବ୍‌ର ସୁପରିଚାଳନା ପାଇଁ ଶ୍ରୀନିବାସ ପାତ୍ର, ଶଶିଭୂଷଣ ସ୍ୱାଇଁ, ଶ୍ୟାମସୁନ୍ଦର ସାହୁଙ୍କ ସମେତ ୧୦ ଜଣିଆ ଉପଦେଷ୍ଟା ମଣ୍ଡଳୀ ଏବଂ ଗୌତମ କର, ବିଲକେଶ ପରବିନ ଓ ଉଷା ଅଗ୍ରୱାଲଙ୍କୁ ମିଶାଇ ଏକ ଶକ୍ତିଶାଳୀ ନିର୍ଦ୍ଦେଶକ ମଣ୍ଡଳୀ ଗଠନ କରାଯାଇଛି। କ୍ଲବ୍‌ର ବରିଷ୍ଠ ସଦସ୍ୟ ଶ୍ୟାମସୁନ୍ଦର ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ ୱାକର୍ସ କ୍ଲବ୍‌ର ଲକ୍ଷ୍ୟ ତଥା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକୁ ଆଗକୁ ନେବା ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଶେଷରେ ସେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୧.୮୧ ● ପାଉଣ୍ଡ ୧୨୩.୬୨
- ୟୁରୋ ୧୦୬.୯୦ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୯,୮୫୦ (ନୂଆଦିଲ୍ଲୀ)
- ରୁପା : ୨,୭୦,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୬,୮୬୩.୦୦
- ନିଫ୍ଟି ୨୩,୮୬୬.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ତୈଳ ଭଣ୍ଡାରରେ ଆଉ ୯ ଦିନ ପାଇଁ ତେଲ

## କୁଆଡ଼େ ଗଲା ଭୂତଳ ତୈଳ ଭଣ୍ଡାର ଯୋଜନା




**ଭାରତରେ ୯୦ ଦିନର ଆମଦାନୀ ସମାନ ଜରୁରୀକାଳୀନ ତୈଳ ସଂରକ୍ଷିତ ନାହିଁ**

**ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ମାନଦଣ୍ଡକୁ ଉପେକ୍ଷା**

**୧୯ ୯୧ ଉପସାଗରୀୟ ଯୁଦ୍ଧ ସମୟ ସ୍ଥିତିର ହେବ ପୁନରାବୃତ୍ତି**

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** ସମ୍ପ୍ରତି ଇରାନ ଯୁଦ୍ଧ ବିଶ୍ୱରେ ତୈଳ ଯୋଗାଣରେ ବାଧା ପହଞ୍ଚାଇଛି। ଏହାକୁ ନେଇ ଭାରତରେ ଏବେ ଗମ୍ଭୀର ତୈଳ ସଙ୍କଟ ସୃଷ୍ଟି ହେବାକୁ ଯାଉଛି। ଇରାନ ସଙ୍କଟ ମଧ୍ୟରେ ରଣନୈତିକ କିମ୍ବା ଜରୁରୀକାଳୀନ ତୈଳ ସଂରକ୍ଷଣର ଗୁରୁତ୍ୱ ଏବେ ଢ଼େର ବଢ଼ିଯାଇଛି। ରଣନୈତିକ ପେଟ୍ରୋଲିୟମ୍ ଭଣ୍ଡାର ଦେଶ ପାଇଁ ଏକ ସୁରକ୍ଷା ବଫର ଭାବରେ କାର୍ଯ୍ୟ କରେ, ଯାହା ସରକାରମାନଙ୍କୁ ବଜାରକୁ ସ୍ଥିର କରିବାରେ ଏବଂ ବିଶ୍ୱ ଶକ୍ତି ପ୍ରବାହରେ ବାଧା ସୃଷ୍ଟି ହେଲେ ଇନ୍ଧନ ଯୋଗାଣ ବଜାୟ ରଖିବାରେ ସାହାଯ୍ୟ କରିଥାଏ। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି ଏବଂ ହରମୁଜ୍ ପ୍ରଣାଳୀ ଅବରୋଧ ବର୍ତ୍ତମାନ ସରକାରଙ୍କ ଚିନ୍ତା ବଢ଼ାଇଛି। ହେଲେ ଠିକ୍ ଏହି ସମୟରେ, ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସି (ଆଇଇଏ) ବିଶ୍ୱର ପ୍ରମୁଖ ଅର୍ଥନୀତିଗୁଡ଼ିକୁ ଏକାଠି କାମ କରିବାକୁ ନିବେଦନ କରିଛି। ଆଇଇଏର ମାନଦଣ୍ଡ ଅନୁଯାୟୀ, ଯେଉଁ ସଦସ୍ୟ ଦେଶମାନେ ରପ୍ତାନି ଅପେକ୍ଷା ଅଧିକ ତେଲ ଆମଦାନୀ କରନ୍ତି, ସେମାନଙ୍କୁ ଅତି କମରେ ୯୦ ଦିନର ଆମଦାନୀ ସମାନ ଜରୁରୀକାଳୀନ ତୈଳ ସଂରକ୍ଷଣ ବଜାୟ ରଖିବାକୁ ପଡିବ। ଏହି ସଂରକ୍ଷଣଗୁଡ଼ିକ ସାଧାରଣତଃ ସରକାରୀ ସୁବିଧା, ବାଣିଜ୍ୟିକ ସଂରକ୍ଷଣ ଟ୍ୟାଙ୍କ ଏବଂ ଶିଳ୍ପ ଷ୍ଟକ୍‌ରେ ରଖାଯାଏ। ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ଭାରତକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି। ଯୁଦ୍ଧରେ ଯଦି ବିଶ୍ୱ ଯୋଗାଣ ହଠାତ୍ ବନ୍ଦ ହୋଇଯାଏ, ତେବେ ଦେଶ କେତେ ଦିନ ପାଇଁ ଏହାର ଭଣ୍ଡାର ଉପରେ ନିର୍ଭର କରିପାରିବ। ଯଦିବ। ସରକାରଙ୍କ କହିବାନୁଯାୟୀ, ଭାରତ ସରକାର ଏପରି ଜରୁରୀକାଳୀନ ପରିସ୍ଥିତି ପାଇଁ ଅସାଧାରଣ ବ୍ୟବସ୍ଥା ସ୍ୱରୂପ ଦେଶ ପାହାଡ଼ର ବିଶାଳ ଗୁମ୍ଫାରେ ଏହାର ଅଶୋଧିତ ତୈଳ ଭଣ୍ଡାରକୁ ଲୁଚାଇ ରଖିଛନ୍ତି। ଏହି ଗୁମ୍ଫାଗୁଡ଼ିକରେ ଭାରତର ରଣନୈତିକ ପେଟ୍ରୋଲିୟମ୍ ଭଣ୍ଡାର, ଯାହା ଯୁଦ୍ଧ, ବିପର୍ଯ୍ୟୟ କିମ୍ବା ବିଶ୍ୱ ଯୋଗାଣ ବାଧା ଭଳି ପରିସ୍ଥିତିରେ ବ୍ୟବହାର କରିବା ପାଇଁ ଡିଜାଇନ୍ କରାଯାଇଛି। ହେଲେ ଏହି ରଣନୈତିକ ପେଟ୍ରୋଲିୟମ୍ ଭଣ୍ଡାରରେ ଥିବା ତେଲ ମାତ୍ର ସାଢ଼େ ୯ ଦିନ ପାଇଁ ଦେଶର ଜରୁରୀ ଆବଶ୍ୟକତା ପୂରଣ କରିପାରିବ। ଏହି ରଣନୈତିକ ପେଟ୍ରୋଲିୟମ୍ ଭଣ୍ଡାର ଆନ୍ଧ୍ରପ୍ରଦେଶର ବିଶାଖାପାଟଣା, କର୍ଣ୍ଣାଟକର ମାଙ୍ଗାଲୁରୁ ଏବଂ ପାଦୁରରେ ରହିଛି। ଏଗୁଡିକରରେ ବର୍ତ୍ତମାନ ପ୍ରାୟ ୫.୩୩ ନିୟୁତ ମେଟ୍ରିକ୍ ଟନ୍‌ର ରଣନୈତିକ ପେଟ୍ରୋଲିୟମ୍ ମହଜୁଦ ରହିଛି। ହେଲେ ଦେଶର ରିଫାଇନାରୀଗୁଡ଼ିକରେ ୬୪.୫ ଦିନର ବାଣିଜ୍ୟିକ ତୈଳ ମହଜୁଦ ରହିଛି। ଏସବୁ ମିଶାଇଲେ ଦେଶରେ ମୋଟ ୭୪ ଦିନ ପାଇଁ ତୈଳ ମହଜୁଦ ଅଛି।

୧୯୯୧ ଉପସାଗରୀୟ ଯୁଦ୍ଧ ସମୟରେ ଭାରତ ଏକ ଗମ୍ଭୀର ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଥିଲା। ସେହି ସମୟରେ, ରିପୋର୍ଟ ପ୍ରକାଶ ପାଇଲା ଯେ ଦେଶର ତୈଳ ଭଣ୍ଡାର ଅତ୍ୟନ୍ତ ସୀମିତ ଥିଲା। କିଛି ରିପୋର୍ଟରେ କୁହାଯାଇଥିଲା ଯେ ଭାରତରେ କେବଳ ତିନି ଦିନ ତେଲ ବାକି ଥିଲା, ଯେତେବେଳେ ଅନ୍ୟମାନେ ଏହି ସଂଖ୍ୟାକୁ ଗୋଟିଏ ସପ୍ତାହ କିମ୍ବା ୧୦ ଦିନ ବୋଲି କହିଥିଲେ। ପ୍ରକୃତ ସମସ୍ୟା ଥିଲା ଯେ ତେଲ କିଣିବା ପାଇଁ ଆବଶ୍ୟକ ବୈଦେଶିକ ମୁଦ୍ରା ଭଣ୍ଡାର ଦ୍ରୁତ ଗତିରେ ହ୍ରାସ ପାଉଥିଲା। ସେହି ସଙ୍କଟ ଭାରତକୁ ଭବିଷ୍ୟତରେ ଏପରି ପରିସ୍ଥିତିକୁ ଏଡାଇବା ପାଇଁ ଏହାର ଶକ୍ତି ସୁରକ୍ଷାକୁ ସୁଦୃଢ଼ କରିବାର ଆବଶ୍ୟକତାକୁ ସ୍ୱୀକାର କରିବାକୁ ବାଧ୍ୟ କରିଥିଲା। ତେଣୁ ବର୍ତ୍ତମାନର ମଧ୍ୟପ୍ରାଚ୍ୟ ଯୁଦ୍ଧ ସମୟରେ ଭାରତ ଯଦି ପର୍ଯ୍ୟାପ୍ତ ମହଜୁଦ ନ କରେ ତେବେ ୧୯୯୧ ଉପସାଗରୀୟ ଯୁଦ୍ଧ ସ୍ଥିତିର ପୁନରାବୃତ୍ତି ହେବ।

## ସଙ୍କଟରେ ମନେ ପଡିଲା ଚଣ୍ଡିଖୋଲ ରଣନୈତିକ ଭୂତଳ ତୈଳ ଭଣ୍ଡାର ପ୍ରକଳ୍ପ

**ଜମି ଆବଣ୍ଟନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଓଡ଼ିଶା ସରକାରଙ୍କୁ ଆଇଏସ୍‌ପିଆର୍‌ଏଲ୍‌ର ଅନୁରୋଧ**

**୨୦୧୮ ରେ ପ୍ରକଳ୍ପକୁ ମିଳିଥିଲା ଅନୁମୋଦନ**

**ଚୂଡ଼ାନ୍ତ ହୋଇନି ଲିଜ୍ ଡିଡ୍, ଜମି ହସ୍ତାନ୍ତର ବାଧାପ୍ରାପ୍ତ**

**ଭୁବନେଶ୍ୱର,୧୧।୩(ଏଜେନ୍ସି):** ଇରାନ ଯୁଦ୍ଧ ପରିସ୍ଥିତିରେ ସରକାରଙ୍କୁ ଘାରିଛି ଶକ୍ତି ସୁରକ୍ଷା ଚିନ୍ତା। ଏଭଳି ସଙ୍କଟ ସମୟରେ ସରକାରଙ୍କର ମନେପଡିଛି ଓଡ଼ିଶାର ଚଣ୍ଡିଖୋଲ ରଣନୈତିକ ତୈଳ ଭଣ୍ଡାର ପ୍ରକଳ୍ପ କଥା। ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ ଲିମିଟେଡ୍ (ଆଇଏସ୍‌ପିଆର୍‌ଏଲ୍) ଯାଜପୁର ଜିଲ୍ଲାରେ ରଣନୈତିକ ପେଟ୍ରୋଲିୟମ୍ ରିଜର୍ଭ ପ୍ରକଳ୍ପ ପାଇଁ ଜମି ଆବଣ୍ଟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଓଡ଼ିଶା ସରକାରଙ୍କୁ ଅନୁରୋଧ କରିଛି। ୨୦୧୮ରେ ଅନୁମୋଦିତ ଏହି ପ୍ରକଳ୍ପରେ ୮୭୪୩ କୋଟି ଟଙ୍କା ମୂଲ୍ୟରେ ଚଣ୍ଡିଖୋଲ ନିକଟସ୍ଥ ଡଙ୍କାରୀ ପାହାଡ଼ରେ ପ୍ରାୟ ୪ ନିୟୁତ ଟନ୍ ରଣନୈତିକ ତୈଳ ସଂରକ୍ଷଣ ବିକାଶ କରିବା ପାଇଁ ଯୋଜନା କରାଯାଇଥିଲା। କିନ୍ତୁ, ଜମି ହସ୍ତାନ୍ତର ଏବଂ ଅବୈଧ ଖଣିଜ ଖଣିଜ ସମ୍ବନ୍ଧୀୟ ସମସ୍ୟା ପ୍ରକଳ୍ପକୁ ବିଳମ୍ବିତ କରିଛି। ଭାରତ ବର୍ତ୍ତମାନ ଦେଶର ତିନୋଟି ସ୍ଥାନରେ ୫.୩୩ ନିୟୁତ ଟନ୍ ଭୂତଳ ଅଶୋଧିତ ତୈଳ ସଂରକ୍ଷଣ କ୍ଷମତା ପରିଚାଳନା କରୁଛି। ସେଗୁଡିକ ବିଶାଖାପାଟଣା (୧.୩୩ ନିୟୁତ ଟନ୍), ମାଙ୍ଗାଲୋର (୧.୫ ନିୟୁତ ଟନ୍) ଏବଂ ପାଦୁର (୨.୫ ନିୟୁତ ଟନ୍)। ଏହି ତିନୋଟି ଭଣ୍ଡା ଦେଶର ପାଖାପାଖି ୧୦ ଦିନ ପାଇଁ ଅଶୋଧିତ ତୈଳ ଆବଶ୍ୟକତା ପୂରଣ କରିପାରିବ।

ଆଇଏସ୍‌ପିଆର୍‌ଏଲ୍ ୨୦୧୯ ପ୍ରାରମ୍ଭରେ ଏହି ପାହାଡିଆ ଅଞ୍ଚଳରେ ପ୍ରକଳ୍ପ ପାଇଁ ୪୦୦ ଏକର ଜମି ଚିହ୍ନଟ କରିଥିଲା। ତଥାପି, ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ଲିଜ୍ ଡିଡ୍ ଚୂଡ଼ାନ୍ତ କରିନାହାଁନ୍ତି, ଯାହା ଫଳରେ ଜମି ହସ୍ତାନ୍ତର ବାଧାପ୍ରାପ୍ତ ହୋଇଛି। ଲିଜ୍ ଡିଡ୍ ଅନୁଯାୟୀ, ଗତ ବର୍ଷ ଜାନୁଆରୀରେ ଅନୁଷ୍ଠିତ ଏକ ବୈଠକ ସମୟରେ ଏହି ପ୍ରସ୍ତାବକୁ ଉଚ୍ଚସ୍ତରୀୟ କ୍ଲିୟରାନ୍ସ ଅଥରିଟି ଦ୍ୱାରା ଅନୁମୋଦନ କରାଯାଇଥିଲା। ପରବର୍ତ୍ତୀ ସମୟରେ, ସେହି ମାସରେ ଓଡ଼ିଶାର ଶିଳ୍ପ ପ୍ରୋତ୍ସାହନ ଏବଂ ନିବେଶ ନିଗମ ସହିତ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ଏପ୍ରିଲ୍ ୨୦୨୫ରେ ନୂଆଦିଲ୍ଲୀରେ ଓଡ଼ିଶା ସରକାରଙ୍କ ସହିତ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା।

## ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ମହୁ ଏଫପିଓ 'ବେଦାମୃତ'ର ଶୁଭାରମ୍ଭ



**ଭୁବନେଶ୍ୱର,୧୧।୩(ସମିସ):** ବେଦାନ୍ତ ଆଲୁମିନିୟମ୍ ଏହାର ସିଏସଆର ପଦକ୍ଷେପ ମାଧ୍ୟମରେ ବେଦାମୃତ ଜୀବିକା ଚାଷୀ ଉତ୍ପାଦକ କମ୍ପାନୀ ଆରମ୍ଭ କରିଛି, ଯାହା ଦ୍ୱାରା ସ୍ଥାୟୀ କୃଷି ଏବଂ ଜୈବ ବିବିଧତାକୁ ସମର୍ଥନ କରିବା ସହିତ କୃଷକଙ୍କ ଜୀବିକାକୁ ସୁଦୃଢ଼ କରିବା ପାଇଁ ବେଦାମୃତ - ୧୦୦% ବିଶୁଦ୍ଧ ମହୁର ପ୍ରଥମ ପ୍ରଦର୍ଶନ କରାଯାଇଛି। ଏହି ଲଞ୍ଚ ସହିତ, ବେଦାନ୍ତ ଆଲୁମିନିୟମ ପୂର୍ବ ଭାରତରେ ସର୍ବବୃହତ ମହୁ ଚାଷୀ ଉତ୍ପାଦକ ସଂଗଠନ (ଏଫପିଓ) ପ୍ରତିଷ୍ଠା କରିଛି। ପ୍ରଥମ ପର୍ଯ୍ୟାୟରେ, କ୍ଷମତା ନିର୍ମାଣ ତାଲିମ ପରେ ୫୦୦ ରୁ ଅଧିକ ଚାଷୀଙ୍କୁ ମହୁମାଛି ବାକ୍ସ ବଣ୍ଟନ କରାଯାଇଛି। ପ୍ରତ୍ୟେକ ମହୁମାଛି ବାକ୍ସ ଅଂଶଗ୍ରହଣକାରୀ ଚାଷୀମାନଙ୍କୁ ପ୍ରାୟ ୧୬,୦୦୦ ଟଙ୍କା ଅତିରିକ୍ତ ବାର୍ଷିକ ଆୟ ପ୍ରଦାନ କରିବ ବୋଲି ଆଶା କରାଯାଉଛି, ଯାହା ଗ୍ରାମୀଣ ପରିବାରକୁ ଏକ ସ୍ଥିର ପରିପୂରକ ଜୀବିକା ପ୍ରଦାନ କରିବ। ଏଫପିଓ ଏପ୍ରିଲ ୨୦୨୬ ସୁଦ୍ଧା ୫,୦୦୦ ଲିଟର ପ୍ରିମିୟମ୍, ୧୦୦% ବିଶୁଦ୍ଧ ମହୁ ଉତ୍ପାଦନ କରିବାକୁ ସ୍ଥିର ହୋଇଛି, ଏବଂ ପ୍ରତିବର୍ଷ ୨୦,୦୦୦ ଲିଟରରେ ପହଞ୍ଚିବା ପାଇଁ ଏକ ସ୍କେଲ୍ ଅପ୍ ଯୋଜନା ରହିଛି। ଏହି ଅଭିବୃଦ୍ଧି ପ୍ରାୟ ୧ କୋଟି ରାଜସ୍ୱ ସୃଷ୍ଟି କରିବ, ଯାହା ଏଫପିଓର ଦୀର୍ଘକାଳୀନ କାର୍ଯ୍ୟକ୍ଷମତାକୁ ସୁନିଶ୍ଚିତ କରିବ। ଏହି ପଦକ୍ଷେପକୁ ପ୍ରଶଂସା କରି ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାମୃତ ଆମର କାର୍ଯ୍ୟ ଚାରିପାଖରେ ସମ୍ପ୍ରଦାୟ ପାଇଁ ସ୍ଥାୟୀ ଜୀବିକା ନିର୍ମାଣ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ଡିଏସ୍‌ପି ୱିନ୍‌ଭେଷ୍ଟର ପଲ୍‌ସ୍ ୨୦୨୫-୨୬

**ମୁମ୍ବାଇ,୧୧।୩ :** ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ ୟୁଗଭ୍ ସହିତ ସହଭାଗୀତାରେ ୧୩ଟି ସହରରେ ୫,୦୫୦ ସହରାଞ୍ଚଳ ପୁଞ୍ଜିନିବେଶକାରୀଙ୍କ ସମ୍ପର୍କରେ ରାଷ୍ଟ୍ରବ୍ୟାପୀ ଅଧ୍ୟୟନ କରିବାକୁ ଡିଏସ୍‌ପି ୱିନ୍‌ଭେଷ୍ଟର ପଲ୍‌ସ୍ ୨୦୨୫-୨୬ ଉନ୍ମୋଚନ କରିଛି, ଯେଉଁଥିରେ ଭାରତର ପୁଞ୍ଜିନିବେଶ ଦୃଶ୍ୟପଟ୍ଟରେ ନିର୍ଣ୍ଣାୟକ ସ୍ଥାନାନ୍ତରଣ ସମ୍ପର୍କରେ ପ୍ରକାଶ କରାଯାଇଛି। ପୁଞ୍ଜିନିବେଶକଙ୍କ ଆତ୍ମବିଶ୍ୱାସ ଏବଂ ସୁସଂହତ ଆର୍ଥିକ ଯୋଜନା ମଧ୍ୟରେ ପ୍ରଶସ୍ତ ତାରତମ୍ୟ ସର୍ବସମ୍ମୁଖକୁ ଆସିଥିଲେ ମଧ୍ୟ ମହିଳାମାନେ ଅଧିକରୁ ଅଧିକ ସେମାନଙ୍କର ଆର୍ଥିକ ନିଷ୍ପତ୍ତିଗୁଡିକର ଦାୟିତ୍ୱ ନିଜେ ନେଉଥିବା ପରିଲକ୍ଷିତ ହୋଇଛି। ସଂଖ୍ୟାଗରିଷ୍ଠ ମହିଳା (୫୬%) ସମ୍ପ୍ରତି କହିଛନ୍ତି ଯେ ସେମାନେ ସ୍ୱାଧୀନ ଭାବରେ ପୁଞ୍ଜିନିବେଶ ନିଷ୍ପତ୍ତି ନେଉଛନ୍ତି, ଯାହା ୨୦୨୨ରେ ଥିବା ୪୪% ତୁଳନାରେ ତୀକ୍ଷ୍ଣ ବୃଦ୍ଧିଘଟିଛି, ଏବଂ ଅଧ୍ୟୟନରେ ଏହା ସବୁଠାରୁ ଗତିଶୀଳତା ଭାବରେ ଲିପିବଦ୍ଧ। ପୁରୁଷମାନେ ୬୮% ସହିତ ଅଗ୍ରଣୀ ସ୍ଥାନ ବଜାୟ ରଖିଛନ୍ତି,ତେବେ ମହିଳାଙ୍କ କ୍ଷେତ୍ରରେ ଏହି ତ୍ୱରାନ୍ୱିତ ସ୍ଥିତି କେବଳ ବର୍ଦ୍ଧିତ ଅଂଶଗ୍ରହଣ ଅପେକ୍ଷା ସୁସଂହତ ପରିବର୍ତ୍ତନର ସୂଚନା ଦେଉଛି। ତେବେ ସ୍ୱାଧୀନତା ଅର୍ଥ ପରାମର୍ଶକୁ ଦୂରରେ ରହିବା ନୁହେଁ।

## ଏନଏସଇ ନିଫ୍‌ଟି ୫୦ର ୩୦ ବର୍ଷ ପୂର୍ତ୍ତି

**ମୁମ୍ବାଇ,୧୧।୩ :** ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ (ଏନଏସଇ) ପକ୍ଷରୁ ଫ୍ଲାଗସିପ ଇକ୍ୱିଟି ବେଞ୍ଚମାର୍କ ଏବଂ ବିଶ୍ୱର ଅନ୍ୟତମ ସର୍ବାଧିକ ଟ୍ରାକ ହେଉଥିବା ସୂଚକାଙ୍କ ନିଫ୍ଟି ୫୦ ଇଣ୍ଡେକ୍ସର ୩୦ ବର୍ଷ ପୂର୍ତ୍ତି ଅବସରକୁ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପୁଞ୍ଜି ବଜାର ନେତୃବୃନ୍ଦ, ନିଫ୍‌ଟି ୫୦ କମ୍ପାନୀର ପ୍ରତିନିଧି, ନିୟାମକ ଓ ଭାରତର ପୁଞ୍ଜି ବଜାର ଇକୋସିଷ୍ଟମର ଅଂଶଗ୍ରହଣକାରୀ ଏକତ୍ରିକ ହୋଇଥିଲେ। କାର୍ଯ୍ୟକ୍ରମରେ ସେବି ଅଧ୍ୟକ୍ଷ ତୁହିନ କାନ୍ତ ପାଣ୍ଡେ ମୁଖ୍ୟ ଅତିଥି ଭାବେ ଏବଂ ରିଜର୍ଭ ବ୍ୟାଙ୍କର ସ୍ୱାଧୀନ ନିର୍ଦ୍ଦେଶକ ଏସ. ଗୁରୁମୂର୍ତ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନଙ୍କ ସହ ଏନଏସଇ ଅଧ୍ୟକ୍ଷ ଶ୍ରୀନିବାସ ଇଞ୍ଜେଟି ଓ ଏନଏସଇର ଏମ୍‌ଡି ଓ ସିଇଓ ଆଶିଷ କୁମାର ଚୌହାନ ମଧ୍ୟ ଉପସ୍ଥିତ ଥିଲେ।

## ଟେକ୍ସାସ୍ ରିଫାଇନାରୀରେ ୩ ଲକ୍ଷ କୋଟି ନିବେଶ କରିବ ରିଲାଏନ୍ସ



**ଟ୍ରମ୍ପ କହିଲେ ଧନ୍ୟବାଦ**

**ନୂଆଦିଲ୍ଲୀ,୧୧।୩(ଏଜେନ୍ସି):** ଆମେରିକାରେ ରିଫାଇନାରୀ ପ୍ରତିଷ୍ଠା କରିବେ ଭାରତୀୟ ଶିଳ୍ପପତି ମୁକେଶ ଅମ୍ବାନୀ। ଟେକ୍ସାସର ବ୍ରାଉନ୍ସଭିଲରେ ଏକ ୩୦୦ ବିଲିୟନ ଡଲାର (୩ ଲକ୍ଷ କୋଟି)ତୈଳ ବିଶୋଧନାଗାର ପ୍ରତିଷ୍ଠା କରିବ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍। ଇରାନ ଯୁଦ୍ଧ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏ ସମ୍ପର୍କରେ ଘୋଷଣା କରିଛନ୍ତି। ଏଥିପାଇଁ ଟ୍ରମ୍ପ୍ ରିଲାଏନ୍ସକୁ ଧନ୍ୟବାଦ ଦେଇଛନ୍ତି। କାରଣ ଦୀର୍ଘ ୫୦ ବର୍ଷ ପରେ ଆମେରିକାରେ ଏକ ତୈଳ ବିଶୋଧନାଗାର ପ୍ରତିଷ୍ଠା ହେବାକୁ ଯାଉଛି। ପ୍ରକଳ୍ପ ପ୍ରଦର୍ଶନ କରି ଟ୍ରମ୍ପ କହିଛନ୍ତି, ଏହି ବିପୁଳ ନିବେଶ ପାଇଁ ଭାରତରେ ଆମର ଅଂଶୀଦାର ଏବଂ ସେମାନଙ୍କର ସର୍ବବୃହତ ଘରୋଇ ଶକ୍ତି କମ୍ପାନୀ ରିଲାଏନ୍ସକୁ ଧନ୍ୟବାଦ। ଟ୍ରୁଥ୍ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ ଲେଖିଛନ୍ତି, ଆମେରିକା ପ୍ରକୃତ ଶକ୍ତି ପ୍ରାଧାନ୍ୟକୁ ଫେରୁଛି। ଆମେରିକା ରାଷ୍ଟ୍ରପତି ଆହୁରି ମଧ୍ୟ କହିଛନ୍ତି ଯେ ଏହି ନୂତନ ବିଶୋଧନାଗାର ସ୍ଥାପନ ଯୋଗୁ କୋଟି କୋଟି ଡଲାରର ଆର୍ଥିକ ପ୍ରଭାବ ପଡ଼ିବ ଏବଂ ଏହି ଅଞ୍ଚଳରେ ହଜାର ହଜାର ନିଯୁକ୍ତି ସୃଷ୍ଟି ହେବ। ଟେକ୍ସାସ ଗଲ୍ଫ କୋଷ୍ଟର ବ୍ରାଉନ୍ସଭିଲ୍ ବନ୍ଦରରେ ଅବସ୍ଥିତ ଆମେରିକା ଫାଷ୍ଟ ରିଫାଇନିଂ ପ୍ରସ୍ତାବିତ ତୈଳ ବିଶୋଧନାଗାରକୁ ବିକଶିତ କରିବ। ଟ୍ରମ୍ପ ଏହି ପଦକ୍ଷେପକୁ ଦେଶର ଶକ୍ତି ଭିତ୍ତିଭୂମି ଏବଂ ଘରୋଇ ବିଶୋଧନ କ୍ଷମତା ପାଇଁ ଏକ ମୋଡ଼ ବୋଲି କହିଛନ୍ତି।

## ମାଲାବାର ଗ୍ରୁପ ଅଧ୍ୟକ୍ଷ ଏମ ପି ଅହମ୍ମଦ ସମ୍ମାନିତ




**ମୁମ୍ବାଇ,୧୧।୩:** କୋଲମତ ମହାରାଷ୍ଟ୍ରିଆନ ଅଫ ଦି ଇୟର ଆୱାର୍ଡ ୨୦୨୬ ସମାରୋହରେ ମାଲାବାର ଗ୍ରୁପର ଅଧ୍ୟକ୍ଷ ଏମପି ଅହମ୍ମଦଙ୍କୁ ସମ୍ମାନଜନକ ବିଜନେସ ଭୂଷଣ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ ଓ ବିଶ୍ୱ ଗହଣା ରିଟେଲ ଦୃଶ୍ୟପଟ୍ଟ ଓ ସମାଜରେ ରୂପାନ୍ତରଣ ଆଣିଥିବାରେ ତାଙ୍କ ଉଦ୍ୟମ ପ୍ରତି ସ୍ୱୀକୃତି ସ୍ୱରୂପ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଗେଟୱେ ଅଫ ଇଣ୍ଡିଆରେ ଆୟୋଜିତ ଏହି ପୁରସ୍କାର ସମାରୋହରେ ନୀତି ନିର୍ମାତା, ଶିଳ୍ପ ଲିଡର ଏବଂ ବ୍ୟବସାୟ ଓ ମନୋରଞ୍ଜନ ଜଗତର ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ଓ ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଲୋକମତର ଅଧ୍ୟକ୍ଷ ବିଜୟ ଦାରଦା ଅତିଥି ଭାବେ ଯୋଗଦେଇଥିଲେ।

## ଦୁର୍ଗମ ଗ୍ରାମଗୁଡିକ ପାଇଁ ୫୦୦୦ ନୂତନ ବ୍ୟାଙ୍କିଙ୍ଗ ଟଚ୍ ପଏଣ୍ଟ

**ଭୁବନେଶ୍ୱର, ୧୧।୩(ସମିସ):** ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଏବେ ଲୋକଙ୍କ ଘରେ ବ୍ୟାଙ୍କିଙ୍ଗ୍ ସୁବିଧା ପହଁଞ୍ଚିଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ, ଏଚ୍‌ଡିଏଫସି ବ୍ୟାଙ୍କ ଏବଂ ଅନ୍ୟାନ୍ୟ ବ୍ୟାଙ୍କ ପାଇଁ ଭାରତର ସର୍ବବୃହତ୍ ବିଜନେସ୍ କରେସପଣ୍ଡେଟ୍ ପ୍ଲେୟାର ବିଏଲ୍‌ଏସ୍‌ର ସର୍ଭିସେସ୍ ଆସନ୍ତା ଦୁଇରୁ ତିନି ବର୍ଷ ମଧ୍ୟରେ ରାଜ୍ୟରେ ୫୦୦୦ ନୂତନ ବିଜନେସ୍ କରେସପଣ୍ଡେଟ୍ ( ବିସି) କେନ୍ଦ୍ର ସ୍ଥାପନ କରିବ ବୋଲି ଘୋଷଣା କରିଛି। ମୟୂରଭଞ୍ଜଠାରୁ ମାଲକାନଗିରି ପର୍ଯ୍ୟନ୍ତ ସମସ୍ତ ଜିଲ୍ଲାରେ ଏହି ବିସି କେନ୍ଦ୍ରଗୁଡ଼ିକ ଏକ ବ୍ୟାଙ୍କର ମିନି ଶାଖା ପରି କାର୍ଯ୍ୟ କରିବ। ଏହି ବିସି କେନ୍ଦ୍ର ଖୋଲିବା ଦ୍ୱାରା ନଗଦ ଜମା ଏବଂ ଉଠାଣ, ସରକାରୀ ସବସିଡି, ପେନସନ, ବୀମା, ବିଲ ପଇଠ, ମୋବାଇଲ ରିଚାର୍ଜ, ଅନ୍ୟାନ୍ୟ ସରକାରୀ ଯୋଜନା ସହିତ ଜଡ଼ିତ ସେବା ଏବେ ଗାଁରେ ଉପଲବ୍ଧ ହେବ। ଟଙ୍କା ନେଣ ଦେଣ ସୁବିଧା ଏବଂ ସୁରକ୍ଷିତ ହେବ। ଏହି ଅବସରରେ ବିଏଲଏସ ଇ-ସର୍ଭିସେସ୍ ଲିମିଟେଡର ମୁଖ୍ୟ ପରିଚାଳନା ଅଧିକାରୀ ଲୋକନାଥ ପଣ୍ଡା ଓଡ଼ିଶାରେ ବ୍ୟାଙ୍କିଙ୍ଗ ସେବା ସହଜରେ ଉପଲବ୍ଧ ହେବା ସହିତ ଏହା ସାମାଜିକ ପରିବର୍ତ୍ତନର ମାଧ୍ୟମ ହେବ ବୋଲି କହିଛନ୍ତି।

## 'ବିଓବି ମହିଳା ସାଫାୟର୍ ସେଭିଂସ୍ ଆକାଉଣ୍ଟ'ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୧।୩:** ବ୍ୟାଙ୍କ ଅଫ୍ ବରୋଦା ଆଜି ମହିଳାମାନଙ୍କ ପାଇଁ ଏକ ବିଶେଷ ପ୍ରିମିୟମ ସେଭିଂସ୍ ଆକାଉଣ୍ଟ – 'ବିଓବି ମହିଳା ସାଫାୟର୍ ସେଭିଂସ୍ ଆକାଉଣ୍ଟ' ର ଶୁଭାରମ୍ଭ କରିଛି। ଏହି ଆକାଉଣ୍ଟରେ ସ୍ୱାସ୍ଥ୍ୟ ସେବା ଓ ସୁସ୍ଥତା ସମ୍ବନ୍ଧୀୟ ବହୁବିଧ ସୁବିଧା ରହିଛି, ଯେଉଁଥିରେ ୧୦ ଲକ୍ଷ ଟଙ୍କାର କ୍ୟାନ୍ସର କେୟାର କଭରେଜ୍ ପ୍ଲାନ୍, ୬ଜଣ ପରିବାର ସଦସ୍ୟ ପର୍ଯ୍ୟନ୍ତ ମାଗଣା ଅନଲାଇନ୍ ଡାକ୍ତର ପରାମର୍ଶ ଏବଂ ଔଷଧ ଓ ପାଥୋଲୋଜି ପରୀକ୍ଷାରେ ରିଆତି ଅନ୍ତର୍ଭୁକ୍ତ। ଏହି ଆକାଉଣ୍ଟ ବ୍ୟାଙ୍କିଙ୍ଗ ଓ ଲାଇଫ୍‌ଷ୍ଟାଇଲ୍ ସୁବିଧାରେ ମଧ୍ୟ ସର୍ବୋତ୍ତମ ସୁବିଧା ପ୍ରଦାନ କରେ। ଏହା ସହିତ ବିଓବି ଭୂମି ରୁପେ ସିଲେକ୍ଟ ଡେବିଟ୍ କାର୍ଡ ପ୍ରଦାନ କରାଯାଉଛି, ଯାହା ଦ୍ୱାରା ଦେଶୀୟ ବିମାନବନ୍ଦର ଲାଉଞ୍ଜ୍ ପ୍ରବେଶ, ମାଗଣା ଜିମ୍ ସଦସ୍ୟତା, ସ୍ୱାସ୍ଥ୍ୟ ପରୀକ୍ଷା, ସ୍ପା/ସାଲୋନ୍ ସେସନ୍ ଏବଂ ଓଟିଟି ସଦସ୍ୟତା ପରି ପ୍ରିମିୟମ ଲାଇଫ୍‌ଷ୍ଟାଇଲ୍ ସୁବିଧା ଉପଲବ୍ଧ କରିପାରିବେ। ଆକାଉଣ୍ଟଧାରୀମାନେ ବିଓବିକାର୍ଡ ଟିଆରା କ୍ରେଡିଟ୍ କାର୍ଡ ଉପରେ ପ୍ରଥମ ବର୍ଷର ଫି' ଉପରେ ୫୦% ଛାଡ଼ ମଧ୍ୟ ପାଇପାରିବେ, ଯାହା ରିୱାର୍ଡ ପଏଣ୍ଟ ଆକାରରେ ଦିଆଯିବ।

## ଏଏମ୍/ ଏନଏସ୍ ଇଣ୍ଡିଆ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ



**ଭୁବନେଶ୍ୱର, ୧୧।୩(ସମିସ):** ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ ଏନ୍‌ଏସ୍ ଇଣ୍ଡିଆ) ପକ୍ଷରୁ ଓଡ଼ିଶାରେ ଆନ୍ତର୍ଜାତୀୟ ମହିଳା ଦିବସ ଉତ୍ସାହର ସହିତ ପାଳିତ ହୋଇଯାଇଛି। ତୃଣମୂଳ ସ୍ତରରେ ମହିଳା ସଶକ୍ତିକରଣ ଉପରେ ଗୁରୁତ୍ୱ ଦେଇ ଚଳିତ ବର୍ଷର ବିଷୟବସ୍ତୁ ;ଗିଭ୍ ଟୁ ଗେନ୍ କୁ ନେଇ ଏହି ଉତ୍ସବ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏସଏଚଜି, ଛାତ୍ରୀ ଏବଂ ସ୍ଥାନୀୟ ଲୋକମାନଙ୍କ ସମେତ ୧,୦୦୦ରୁ ଅଧିକ ମହିଳା ସକ୍ରିୟତାର ସହିତ ଅଂଶଗ୍ରହଣ କରିଥିଲେ। ପାରାଦ୍ୱୀପର ନୂଆଗଡ଼ ଗ୍ରାମ ପଞ୍ଚାୟତରେ ଆୟୋଜିତ ଉତ୍ସବରେ ନିକଟସ୍ଥ ଗ୍ରାମର ମହିଳାମାନେ ବିତର୍କ, କୁଇଜ ଏବଂ ଗୀତ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ଏବଂ ବିଜେତାମାନଙ୍କୁ ସେମାନଙ୍କ ପ୍ରତିଭା ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ବିଶିଷ୍ଟ ଲେଖକ ତଥା ସମାଜସେବୀ ଗୋଲାପରାଣୀ ସାହୁ, ପାରାଦୀପ ବନ୍ଦର ପ୍ରାଧିକରଣର ପାଇଲଟ୍ କ୍ୟାପଟେନ୍ ଅମିତ କୁମାର, ନୂଆଗଡ଼ର ମାଷ୍ଟର ବୁକକିପର (ଏମବିକେ) ସରିତା ସାହୁଙ୍କ ସମେତ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ରହି ମହିଳା ସଶକ୍ତିକରଣ ଉପରେ ସେମାନଙ୍କର ମତ ପ୍ରକାଶ କରିଥିଲେ।

## ବଲାଙ୍ଗୀରରେ ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କର ନୂତନ ଶାଖା




**ଭୁବନେଶ୍ୱର,୧୧।୩(ସମିସ):** ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ ପକ୍ଷରୁ ବଲାଙ୍ଗୀ ଠାରେ ଏକ ନୂତନ ଶାଖା ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କର ପ୍ରବନ୍ଧକ ନିର୍ଦ୍ଦେଶକ ଓ ପ୍ରଧାନ କାର୍ଯ୍ୟନିର୍ବାହୀ ସ୍ୱରୂପ କୁମାର ଶାହା ତାଙ୍କର ଓଡ଼ିଶା ଗସ୍ତ ସମୟରେ ଏହି ନୂତନ ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ଶାହା କହିଥିଲେ ଯେ, ଓଡ଼ିଶାରେ ବ୍ୟାଙ୍କର ନେଟୱାର୍କକୁ ଆହୁରି ବୃଦ୍ଧି କରିବା ସହିତ ଲୋକମାନଙ୍କ ପାଖକୁ ସୁବିଧାଜନକ ବ୍ୟାଙ୍କିଙ୍ଗ ସେବା ପହଞ୍ଚାଇବା ପାଇଁ ବ୍ୟାଙ୍କ ପ୍ରତିବଦ୍ଧ। ରାଜ୍ୟର ଆର୍ଥିକ ଉନ୍ନତିରେ କୃଷି ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟମ ଖାତାର ଗୁରୁତ୍ୱ ଥିବାରୁ ବ୍ୟାଙ୍କ ଏହି ଖାତାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନରେ ବିଶେଷ ଗୁରୁତ୍ୱ ଦେଉଛି। ସେ ଆହୁରି ମଧ୍ୟ କହିଥିଲେ ଯେ, କୃଷକ, ଛୋଟ ଉଦ୍ୟମୀ ଓ ଗ୍ରାମୀଣ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପ୍ରୋତ୍ସାହନ ଓ ଆର୍ଥିକ ସହଯୋଗ ଦେବାରେ ବ୍ୟାଙ୍କ ଗୁରୁତ୍ୱ ପ୍ରଦାନ କରୁଅଛି। ଏହି ପଦକ୍ଷେପ ରାଜ୍ୟର ବିକଶିତ ଓଡ଼ିଶା ୨୦୩୬ ଦୃଷ୍ଟିକୋଣ ସହ ସମନ୍ୱୟ ରଖି ରାଜ୍ୟର ସମଗ୍ର ଆର୍ଥିକ ଓ ସାମାଜିକ ଉନ୍ନତିକୁ ଆଗେଇ ନେବାରେ ସହାୟକ ହେବ।

